ସକାଳ THE SAKALA
ବାଲେଶ୍ୱର
www.sakalaepaper.com

## ଚାରି ଶ୍ରମକୋଡ୍ ବାତିଲ ଦାବିରେ ଦାବିପତ୍ର

ଜଳେଶ୍ୱର ୧୭ । ୧(ସମିସ) : ସିଆଇଟିୟୁ କୃଷକ ସଭା, କୃଷି ଶ୍ରମିକ, କ୍ଷେତ ମଜଦୁର ୟୁନିଅନ୍ ତରଫରୁ ୪ ଦଫା ଦାବି ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଆଜି ଦାବିପତ୍ର ପ୍ରଦାନ କରାଯାଇଛି । ଚାରିଶ୍ରମ କୋଡ ପ୍ରତ୍ୟାହାର, ଭି. ଜି. ରାମ ଜି-ଆଇନ୍ ପ୍ରତ୍ୟାହାର, ବର୍ଷକୁ ୨୦୦ ଦିନର କାମ ଓ ଦୈନିକ ମଜୁରୀ ୭୦୦ ଟଙ୍କା ପ୍ରଦାନ କରିବା, ୩୦୦ ୟୁନିଟ ମାଗଣା ବିଜୁଳି ସଂପର୍କରେ ଦାବିପତ୍ରରେ ଉଲ୍ଲେଖ ରହିଛି । ସରକାର କୌଣସି ପଦକ୍ଷେପ ନ ନେଲେ ଆସନ୍ତା ଫେବୃଆରୀ ୧୨ ତାରିଖ ସର୍ବଭାରତୀୟ ବନ୍ଦ ଡ଼ାକରା ଦିଆଯିବ ବୋଲି କୃଷକ ସଭାର ଜିଲ୍ଲା ସହ ସଂପାଦକ ଦିଲ୍ଲୀପ ଗିରି, ସିଆଇଟିୟୁର ବ୍ଲକ ସଂପାଦକ ପଲଟୁ ଦାସ, କ୍ଷେତମଜଦୁର ସଂଘର ଦିଲ୍ଲୀପ ପରିଡା, କୃଷକ ସଭାର ବ୍ଲକ ସଭାପତି ରବିନ୍ଦ୍ର ବାରିକ, ସଂପାଦକ ଜୀବନ ପରିଡା, ସୁଶାନ୍ତ କାମିଲା, କାର୍ତ୍ତିକ ନାୟକ, ଜ୍ଞାନେନ୍ଦ୍ରନାଥ ଜେନା, ଧିରେନ୍ଦ୍ର ଦେ, ଲୋକନାଥ ଦାସ, ସବିତା ଭୂୟାଁ, ଦିପକ ଦାସ, ଅନୀଲ ମହାନ୍ତି ପ୍ରମୁଖ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ।




# ଜଣେ ଶିକ୍ଷୟିତ୍ରୀରେ ଚାଲିଛି ହାତୀଗଡ଼ ହାଇସ୍କୁଲ

ଜଳେଶ୍ୱର ବ୍ଲକ, ୧୭।୧ (ସମିସ)

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅନ୍ତର୍ଗତ କାଳିକ ଗ୍ରାମ ପଞ୍ଚାୟତ ହାତିଗଡ ଉଚ୍ଚ ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏଠାରେ ୨୦୦ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ହେଲେ ଏହି ତିନୋଟି ଶ୍ରେଣୀ ପାଇଁ ଅଛନ୍ତି ଜଣେ ମାତ୍ର ଶିକ୍ଷୟିତ୍ରୀ । ସେ ଯଦି ବିଦ୍ୟାଳୟ କାମ କିମ୍ବା ତାଙ୍କର ବ୍ୟକ୍ତିଗତ କାର୍ଯ୍ୟରେ ଛୁଟିରେ ରୁହନ୍ତି ତାହେଲେ ସେ ଦିନ ପିଲାଙ୍କ ପାଠପଢା ଠପ ହୋଇଥାଏ ।

୧୯୬୫ ମସିହାରେ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିଲା ଏହି ସ୍କୁଲ । ପରବର୍ତ୍ତୀ ସମୟରେ ୧୯୯୪ ମସିହାରେ ସରକାରୀ ମାନ୍ୟତା ମିଳିବା ସହିତ ଶିକ୍ଷକ ନିଯୁକ୍ତି ସାଙ୍ଗକୁ ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ସାଙ୍ଗକୁ ଅନ୍ୟ ସମସ୍ତ ସରକାରୀ ସୁବିଧା ସୁଯୋଗ ପାଇ ଆସୁଛନ୍ତି ଏବଂ ୫-ଟିରେ ଅନ୍ତର୍ଭୁକ୍ତ ହୋଇ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ ସାଙ୍ଗକୁ ଅନ୍ୟ ସମସ୍ତ କ୍ଲାସ ରୁମର ରୂପରେଖ ପରିବର୍ତ୍ତନ ହୋଇଛି । ହେଲେ ପିଲାଙ୍କୁ ମୁଖ୍ୟ ପାଠ ପଢାର ଆବଶ୍ୟକତା ଥିବା ଶିକ୍ଷକ ନାହାନ୍ତି । ଯାହାକୁ ନେଇ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନେ ସ୍ଥାନୀୟ ବିଧାୟକଠାରୁ ଆରମ୍ଭ କରି ସାଂସଦ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲାପାଳ, ଶିକ୍ଷା ବିଭାଗର ମନ୍ତ୍ରୀ, ସଚିବ, ଶିକ୍ଷା ବିଭାଗ ଓଡ଼ିଶା ସରକାରଙ୍କୁ ଅବଗତି କରାଇ ଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନାହାନ୍ତି । ଆଗାମୀ ଜାନୁଆରୀ ୨୧ ତାରିଖ ମଧ୍ୟରେ ସରକାରଙ୍କ ପକ୍ଷରୁ ସ୍କୁଲରେ ନୂତନ ଶିକ୍ଷକ ନିଯୁକ୍ତି ସାଙ୍ଗକୁ ଅନ୍ୟ ସମସ୍ତ ସମସ୍ୟାର ସମାଧାନ ନ କଲେ ସ୍କୁଲ୍ ଫାଟକରେ ତାଲା ପକାଇବା ସହିତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ଅନଶନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି ।




- ୨୧ରେ ସ୍କୁଲ୍ ଫାଟକରେ ପଡିବ ତାଲା
- ଅଭିଭାବକ ଓ ଛାତ୍ରଛାତ୍ରୀ କରିବେ ଅନଶନ

## ପଥଦୁର୍ଗା ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

କାଳିପଦା, ୧୭।୧ (ସମିସ): ସଂସ୍କୃତି ହେଉଛି ମାନବ ସଭ୍ୟତାର ଆଧାର ଶୀଳା । ସଂସ୍କୃତିର ଅବକ୍ଷୟ ହିଁ ଜାତିର ଅବକ୍ଷୟ । ସଂସ୍କୃତି ବଞ୍ଚିଲେ ସଭ୍ୟତା ବଞ୍ଚିବ ବୋଲି ଶନିବାର ସିଂଲା ଥାନା ଅଧିନ ପଥଦୁର୍ଗା ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ସଂସ୍କୃତ ସମ୍ଭାଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ଯୋଗଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ରମେଶ ଚନ୍ଦ୍ର ଦଶଙ୍କ ପୌରହିତ୍ୟରେ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି ମୁଖ୍ୟଅତିଥି, କଥା ବାଚକ ତଥା ଧ୍ରୁବ ଚରଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟବକ୍ତା, ପ୍ରାକ୍ତନ ପରିଚାଳନା ସମିତି ସଭାପତି ମନୋରଞ୍ଜନ ଗିରି ଓ ସଂସ୍କୃତ ପ୍ରଶିକ୍ଷଣ ଶିବିର ପ୍ରମୁଖ ଦୁଲାଲ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅଭିଭାଷଣ ପ୍ରଦାନ କରିଥିଲେ । ଅଧ୍ୟାପକ ନିରଞ୍ଜନ ବେହେରା ମଞ୍ଚ ଆବାହନ ଓ ଅତିଥି ପରିଚୟ, ଅଧ୍ୟାପକ ପରମାନନ୍ଦ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ । ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଅଧ୍ୟାପକ ଅର୍ଦ୍ଧେନ୍ଦୁ ଶେଖର ପଣ୍ଡା, ତପନ ସାମନ୍ତରାୟ, ପ୍ରଶିକ୍ଷକ ଜୟପ୍ରକାଶ ଶାସ୍ତ୍ରୀ, ବିପିନ ପରିଡା, ମାଳତୀ ଦାସ, ଅଧ୍ୟାପିକା ଶ୍ରଦ୍ଧାଞ୍ଜଳି ଦାଶ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଧ୍ୟାପକ ସଦାନନ୍ଦ ଦୀକ୍ଷିତ ଧନ୍ୟବାଦ ଅର୍ପଣ କରିଥିଲେ ।



## ନାବାଳିକାକୁ ଅସଦାଚରଣ, ନାବାଳକ ଅଟକ

ସିମୁଳିଆ, ୧୭।୧ (ସମିସ): ଜୈନିକ ନାବାଳିକାକୁ ଅସଦାଚରଣ ଘଟଣାର ସିମୁଳିଆ ଥାନାରେ ଅଭିଯୋଗ ପରେ ନାବାଳକକୁ ଅଟକ ରଖି ପୁଲିସ ତଦନ୍ତ କରୁଛି । ସିମୁଳିଆ ଥାନା ଅନ୍ତର୍ଗତ କହ୍ନେଇବିନ୍ଧା ଅଞ୍ଚଳର ନାବାଳିକା ଗ୍ରାମ ନିକଟରେ ମକର ସଂକ୍ରାନ୍ତି ଉପଲକ୍ଷେ ମୁନି ଦେଖିବାକୁ ଯାଇ ସାଙ୍ଗ ମାନଙ୍କ ସହ ଖେଳୁଥିଲେ । ସେହି ଅଞ୍ଚଳର ନାବାଳକ ନାବାଳିକାକୁ ଟେକି ନେଇ ନିଛାଟିଆ ବିଲରେ ଅସଦାଚରଣ କରିଥିଲେ । ପରିବାର ଲୋକ ଘଟଣା ସମ୍ପର୍କରେ ଜାଣିବା ପରେ ନାବାଳିକାର ବାପା ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ଜାତୀୟ ଯୁବ ଦିବସ 'ଉତ୍ସବ-୨୦୨୬' ଉଦ୍‌ଯାପିତ

ସୋର, ୧୭।୧ (ସମିସ): ସ୍ୱାମୀ ବିବେକାନନ୍ଦ ଯୁବକ ସଙ୍ଘ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୩ ତମ ଜୟନ୍ତୀ ତଥା ୨୯ତମ ଜାତୀୟ ଯୁବ ଦିବସ ଉପଲକ୍ଷେ ସୋର ପୌରପାଳିକା ସ୍ଥିତ ଚକବାରାହାପୁରଠାରେ ପାଞ୍ଚ ଦିନ ଧରି ଚାଲିଆସୁଥିବା ଉତ୍ସବ -୨୦୨୬ ଉଦଯାପିତ ହୋଇଯାଇଛି । ଏହି ଶେଷ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ଜିଲ୍ଲା ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ଭାବେ ସୋର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଅଞ୍ଜଳି ମହାପାତ୍ର, ସ୍ୱତନ୍ତ୍ର ଅତିଥି ରୂପେ ସୋର ବ୍ଲକ ଉଦ୍ୟାନ ବିଭାଗ ସହ ଅଧିକାରିଣୀ ଶୁଭଶ୍ରୀ ସୁଭସ୍ମିତା, ସମ୍ମାନିତ ଅତିଥି ରୂପେ ପାରିଷଦ ବର୍ଷାରାଣୀ ଦାସଙ୍କ ସହ ଯୁବକ ସଂଘର ସଭାପତି କମଳ ଲୋଚନ ବାରିକ, ସମ୍ପାଦକ ସରୋଜ କୁମାର ବିଶ୍ୱାଳ ମଞ୍ଚରେ ଉପସ୍ଥିତ ରହି ସ୍ୱାମୀଜୀ ଙ୍କ ଜୀବନୀ ଆଦର୍ଶ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ଅତିଥିମାନେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଯୁବକ ସଂଘ ର ଶ୍ରେଷ୍ଠ ସଦସ୍ୟ ସମ୍ମାନ ୨୦୨୫ ସ୍ଲୋଗାନ ଦାସଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ଏହି ଅବସରରେ ଓଡ଼ିଆ, ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆସିଥିବା ଖୋର୍ଦ୍ଧା ପାଇକ ଆଖଡ଼ା, କୈବଲ୍ୟ ପସରା ଭଜନ ସନ୍ଧ୍ୟା, ମୋହନି ଫୋକ୍ ଏକାଡେମୀ, ଗଞ୍ଜାମ ପଶୁମୁଖା, ସିଙ୍ଗମ ଡେନ୍ସ ଏକାଡେମୀର କଳାକାର ଏବଂ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଯୁବକ ସଂଘର ଉପସଭାପତି ପତିତପାବନ ମହାପାତ୍ର, କୋଷାଧ୍ୟକ୍ଷ ବିଶ୍ୱରଂଜନ ସାହୁ, ପ୍ରଭୁଜ୍ୟୋତି ମହାନ୍ତି, ଜ୍ୟୋତିରଂଜନ ସାହୁ, ସ୍ୱର୍ଣ୍ଣମୟୀ ବିଶ୍ୱାଳ, ପ୍ରଭାସିନୀ ବାରିକ୍, ଜ୍ୟୋତିରଂଜନ ବାରିକ୍, ଶୁଭଲକ୍ଷ୍ମୀ ମହାନ୍ତି, ଦିବାକର ମହାନ୍ତି, ଆଲୋକ ମହାନ୍ତି, ଏସ ଦିପାଲି, ପ୍ରମୋଦ ସାହୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ ।




## ବନ୍ଧସାହି ଗ୍ରାମରେ ମିଳିତ ନିଶା ନିବାରଣ ଅଭିଯାନ



ସୋର,୧୭।୧(ସମିସ): ସୋର ବ୍ଲକ ସିଙ୍ଗାଖୁଣ୍ଟା ପଞ୍ଚାୟତ ବନ୍ଧସାହି ଗ୍ରାମରେ ମଦ ଜନିତ ମୃତ୍ୟୁ ହାର ବଢିବାରେ ଲାଗିଥିବାବେଳେ ସେଠାରେ ମିଳିତ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଗ୍ରାମରେ ୮ରୁ ଅଧିକ ମଦ ଦୋକନ ଥିବା ବେଳେ ପ୍ରତିବର୍ଷ ୧୦ରୁ ଅଧିକ ବ୍ୟକ୍ତି ମଦଜନିତ କାରଣରୁ ମୃତ୍ୟୁବରଣ କରୁଛନ୍ତି । ଏ ବାବଦରେ ଖବର ପ୍ରକାଶିତ ହେବା ପରେ ପ୍ରଭାବ ମଧ୍ୟ ପଡିଥିବା ଦେଖିବାକୁ ମିଳିଛି । ଏଠାରେ ଲୋକମାନଙ୍କ ମଧ୍ୟରେ ସଚେତନତାର ଅଭାବ ଓ ପ୍ରଶାସନିକ ଅଧିକାରୀଙ୍କ ଦୃଷ୍ଟି ଆଢୁଆଳ କାରଣରୁ ଏପରି ଘଟଣା ଘଟୁଥିଲେ ମଧ୍ୟ କାହାର ନଜର ଏଠାରେ ନପଡିବା ଦୁଃଖ ଓ ପରିତାପର ବିଷୟ ପାଲଟିଥିଲା । ଯାହାକୁ ନେଇ ଆଜି ମଧ୍ୟାହ୍ନରେ ମିଳିତ ନିଶା ନିବାରଣ ଅଭିଯାନ ବାଲେଶ୍ୱରର ସଭାପତି ପ୍ରଭାକର ସାହୁ, ସମ୍ପାଦିକା ମମତା ମହାପାତ୍ର, ସୋର ନାଗରିକ ମଞ୍ଚର ସଭାପତି ନେତ୍ରାନନ୍ଦ ରାଉତ ଓ ସଦସ୍ୟ ପ୍ରଫୁଲ ଷଡଙ୍ଗୀଙ୍କ ସମେତ ୨୦ରୁ ଉର୍ଦ୍ଧ୍ୱ ସଦସ୍ୟ ବନ୍ଧସାହିରେ ପହଞ୍ଚି ପରିସ୍ଥିତି ପରଖିଥିଲେ । ପରେ ଘଟଣାର ସତ୍ୟତାକୁ ହୃଦୟଙ୍ଗମ କରିବା ସହିତ ଲୋକମାନଙ୍କୁ ସଚେତନତା କରାଇଥିଲେ ।

## ଗରମ ପେଜ ପଡ଼ି ଛାତ୍ରୀ ଗୁରୁତର

ନୀଳଗିରି, ୧୭।୧ (ସମିସ): ସରସ୍ୱତୀ ଶିଶୁମନ୍ଦିର ନୀଳଗିରିରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗରମ ପେଜ ଢାଳିଯିବା କାରଣରୁ ଜୈନିକ ଚତୁର୍ଥଶ୍ରେଣୀ ଛାତ୍ରୀଙ୍କ ବେକରେ ପେଜ ପଡ଼ି ଆହତ ହୋଇଥିବା ଜଣାପଡିଛି । ନୀଳଗିରି ସାନଅତା ଅଞ୍ଚଳର ଜୈନିକ ଛାତ୍ରୀ ପ୍ରତିଦିନ ଭଳି ଶିଶୁମନ୍ଦିରକୁ ପଢିବାକୁ ଯାଇଥିଲେ । ମଧ୍ୟାହ୍ନ ପ୍ରାୟ ୧୨.୩୦ସମୟରେ ପରିସ୍ରା କରି ଫେରୁଥିବା ସମୟରେ ଶିଶୁମନ୍ଦିରର ରାନ୍ଧୁଣିଆ ଗରମପେଜ ନିକଟସ୍ଥ ନାଳରେ ଫିଙ୍ଗିବାକୁ ଯାଉଥିବା ସମୟରେ ଛାତ୍ରୀଜଣଙ୍କ ଦେହରେ ଉକ୍ତ ପେଜଢାଳଟି ବାଜିଯିବାରୁ ଛାତ୍ରୀଙ୍କ ବେକ ପାଖରେ ପେଜ ପଡିଯାଇଥିଲା । ଫଳରେ ଛାତ୍ରୀଜଣକ ଗୁରୁତର ହୋଇ ଚିତ୍କାର କରିଥିଲେ । ତୁରନ୍ତ ଶିଶୁମନ୍ଦିର କର୍ତ୍ତୃପକ୍ଷ ନୀଳଗିରି ହସ୍ପିଟାଲ ଆଣି ଚିକିତ୍ସା କରିଥିଲେ । ପରେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜ ନିଆଯାଇଥିବା ସୂଚନା ମିଳିଛି । ଏ ନେଇ ଶିଶୁମନ୍ଦିରର ପ୍ରଧାନଗୁରୁଜୀ ଜୟକୃଷ୍ଣ ବାରିକ ଘଟଣାରେ ସତ୍ୟତା ସ୍ୱୀକାର କରିବା ସହିତ ଛାତ୍ରୀଙ୍କ ସୁସ୍ଥକାମନା କରିଥିଲେ ।

## ବିରଳ ବୋଡ଼ା ସାପ ଉଦ୍ଧାର

ଭୋଗରାଇ, ୧୭।୧ (ସମିସ): ଭୋଗରାଇ ବ୍ଲକ ସୀମାନ୍ତ ସାହାବାଜିପୁର ଗାଁର ଭଗବାନ ଚନ୍ଦ୍ର ବେହେରାଙ୍କ ଘର ପଛରୁ ବିରଳ ବୋଡ଼ା ସାପ ଶନିବାର ଉଦ୍ଧାର କରାଯାଇଛି । ଉଦୟପୁର ବନ ବିଭାଗର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ସବୁଜ ବାହିନୀ ହରିଶଙ୍କର ସାହୁ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ । ପୂର୍ବରୁ ଚଳିତ ମାସ ଗତ ଜାନୁଆରୀ ୨ ଓ ୫ ତାରିଖରେ ଉକ୍ତ ସ୍ଥାନରେ ଏହି ବିରଳ ପ୍ରଜାତିର ୨ଟି ବୋଡ଼ା ସାପ ବନବିଭାଗ ଉଦ୍ଧାର କରି ନେଇଥିଲେ । ଏହାକୁ ରସେଲ ଭାଇପର୍ ବା ବାଘୁଆ ବୋଡ଼ା କୁହାଯାଏ । ସାପର ଲମ୍ବ ପ୍ରାୟ ୫ ଫୁଟ । ଉଦ୍ଧାର ପରେ ଏହାକୁ ବିଚିତ୍ରପୁର ଇକୋ ଟୁରିଜିମ ନିକଟସ୍ଥ ଖଡ଼ିବିଲ ଜଙ୍ଗଲରେ ଛାଡ଼ି ଦିଆଯାଇଛି ।



## ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ସିମୁଳିଆ, ୧୭।୧ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅବଜୁନା ପଞ୍ଚୟତ କାଞ୍ଚନବାଳା ନୋଡାଲ ସରକାରୀ ଉପ୍ରା ବିଦ୍ୟାଳୟ ଓ କାଞ୍ଚନ କମଳା ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି । କାଞ୍ଚନ କାମଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ସିମୁଳିଆ ବିଡ଼ିଓ ସୁନୀଲ ଟୁଡୁ. ମୁଖ୍ୟବକ୍ତା ଶିବଶଙ୍କର ପଣ୍ଡା, ସ୍କୁଲ ଚେୟାରମ୍ୟାନ ସସ୍ମିତା ମିଶ୍ର, ନୋଡାଲ ପ୍ରଧାନଶିକ୍ଷକ ତ୍ରିଲୋଚନ ପଣ୍ଡା, ସରପଞ୍ଚ ଲକ୍ଷ୍ମୀଧର ବଳ ଦୁଇ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ ।

## ଓଲମରା ଉଚ୍ଚ ବିଦ୍ୟାଳୟରେ ଜାତୀୟ ସଡ଼କ ସୁରକ୍ଷା ମାସ



ବାଲେଶ୍ୱର / ଜଳେଶ୍ୱର ବ୍ଲକ,୧୭।୧(ସମିସ): ସରକାରୀ ଉଚ୍ଚ ବିଦ୍ୟାଳୟ ଓଲମରା, ବାଲେଶ୍ୱରର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମଙ୍ଗଲ ମାରାଣ୍ଡିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ବରିଷ୍ଠ ସହକାରୀ ଶିକ୍ଷକ ତଥା ଜିଲ୍ଲା ଜୁନିୟର ରେଡକ୍ରସ୍ ଅଧିକାରୀ ନାରାୟଣ ପାଇକରାୟଙ୍କ ସହଯୋଗରେ ଜେ.ଆର.ସି. ଟ୍ରାଫିକ କ୍ଲବ୍ ଜରିଆରେ ଶନିବାର ପିଲାମାନେ ଓ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କ ଉପସ୍ଥିତିରେ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେବା ସହ ଗାଁରେ ସଡ଼କ ସଚେତନତା ରାଲି ହୋଇଥିଲା । ପରେ ଶପଥ ପାଠ କରାଯାଇ ସଚେତନତା କରାଯାଇଥିଲା । ଚଳିତ ବର୍ଷ ଜାତୀୟ ସଡ଼କ ସୁରକ୍ଷା ମାସ ଜାନୁୟାରୀ ୧ରୁ ୩୧ ତାରିଖ ମଧ୍ୟରେ ପାଳିତ ହେଉଛି । ବର୍ତ୍ତମାନ ଦେଶରେ ସଡ଼କ ଦୁର୍ଘଟଣା ବଢ଼ି ବଢ଼ି ଚାଲିଛି । ପିଲାମାନଙ୍କ ସହିତ ସମସ୍ତଙ୍କୁ ସଚେତନତା କରି ସଡ଼କ ଦୁର୍ଘଟଣାକୁ ହ୍ରାସ କରିବା କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମଧ୍ୟରେ ବିଶେଶ୍ୱର ଘଡେଇ, ସଞ୍ଜୟ କୁଇଲା, ବଳରାମ ମୁର୍ମୁ, ନୀଳକଣ୍ଠ ଜେନା, ପ୍ରଦୀପ ଦାସ, ପୁଷ୍ପଲତା ଜେନା, ସୁଲଚନା ହେମ୍ବ୍ରମ, ଆର୍ଷୀମେଲ ଟୁଡୁ, ସୁଚିସ୍ମିତା ବେହେରା, ମଞ୍ଜୁଲତା ଗିରି, ମିନାକ୍ଷୀ ଗାନ୍ଧୀ, ଶୁଭମ୍ ନାୟକ ଓ ଅଣଶୈକ୍ଷିକ କର୍ମଚାରୀ ପ୍ରଦୀପ ଘୋଷ, ବିଶ୍ୱଜିତ ଦାସ, ମନୋରଞ୍ଜନ ବେହେରା ପ୍ରମୁଖ ସହଯୋଗ କରି ସମସ୍ତ କାର୍ଯ୍ୟକ୍ରମକୁ କରିଥିଲେ ।

## ମୁନି ମହୋତ୍ସବ ଉଦ୍‌ଯାପିତ

ନୀଳଗିରି, ୧୭।୧ (ସମିସ): ଔପଦା ବ୍ଲକ୍ ବାଉଁଶବଣିଆ ପଞ୍ଚାୟତଗୁହାଳିଆଗ୍ରାମରମା'ଖରାଖାଇଠାକୁରାଣୀପଡ଼ିଆ ନିକଟସ୍ଥ ଦେବଗିରି ପାହାଡ ପଥରଗୁହାରେ ପ୍ରଭୁ ନୀଳମାଧବଙ୍କ ଆସ୍ଥାନ । ପ୍ରତିବର୍ଷ ମକରସଂକ୍ରାନ୍ତି ଉପଲକ୍ଷେ ଏଠାରେ ମାଘମେଳା ବା ମୁନିମେଳା ଅନୁଷ୍ଠିତ ହୋଇଆସୁଛି । ଚଳିତବର୍ଷ ମକରସଂକ୍ରାନ୍ତି ଦୁଇଦିନ ଧରି ମେଳା ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ନୀଳମାଧବ ବାରିକଙ୍କ ଅକୁଣ୍ଠ ବଦାନ୍ୟତା ଏବଂ ସ୍ଥାନୀୟ ଅଂଚଳର ଲୋକଙ୍କ ସାହାଯ୍ୟରେ ଏହି ବିରାଟ ଆୟୋଜନ ହୋଇଆସୁଥିବାରୁ ଏହାକୁ ଲୋକାଭିମୁଖୀ କରିବାକୁ ସରକାରୀ ଅନୁଦାନର ଆବଶ୍ୟକତା ରହିଛିବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ନୀଳମାଧବ ବାରିକ, ଅର୍ଜୁନ ରାଉତ, ଦାମୋଦର ବାରିକ, ବିଜୟ କୁମାର ମିଶ୍ର, ବିଦ୍ୟାଧର ନାୟକ, ପୁରସ୍ତମ ବେହେରା, ବିଶ୍ୱରଂଜନ ସ, ଲକ୍ଷ୍ମଣ ସିଂ, ନୀଳକଣ୍ଠ ମହାପାତ୍ର, ଗୁରୁପ୍ରସାଦ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

## ଦେଶୀମଦ ଜବତ, ଦୁଇ ଗିରଫ

ସୋର, ୧୭।୧(ସମିସ): ସୋର ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଦେଶୀମଦ ଜବତ କରିଥିବାବେଳେ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୋର ଆଦର୍ଶ ଅବକାରୀ ଥାନାଧିକାରିଣୀ ପ୍ରଜ୍ଞାପ୍ରିୟା ନାୟକ ଏକ ଟିମ୍ ସହ କୁଡେଇ ଗ୍ରାମରେ ଚଢ଼ଉ କରି ନିର୍ମଳ ଦଳେଇ ନିକଟରୁ ୪୫ ଲିଟର ଦେଶୀମଦ, ଫଟାଆମ୍ବ ଗ୍ରାମର କୁନି ସିଂ ନିକଟରୁ ୩୦ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ । ଅପରାହ୍ନରେ ସୋର ମେଡିକାଲରେ ଉଭୟଙ୍କ ଡାକ୍ତରୀ ମାଇନା ପରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ ଏବଂ ମିନତୀ ପରିଡା ସାମିଲ ହୋଇଥିଲେ ।

# ପିଏମ୍‌ଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମ୍‌ଶ୍ରୀ ଉତ୍ସବ

ସୋର, ୧୭।୧(ସମିସ)

ସୋର ବ୍ଲକ ମାଣିପୁରସ୍ଥିତ ପିଏମଶ୍ରୀ ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟରେ ପିଏମଶ୍ରୀ ଉତ୍ସବ ୨୦୨୬ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସେଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଛାତ୍ରଛାତ୍ରୀ ମାନଙ୍କ ସାମଗ୍ରିକ ବିକାଶର ନମୁନା ସ୍ୱରୂପ ଆକାଂକ୍ଷୀ ମେଳା, ଦି ଟ୍ୟାଲେଣ୍ଟ ଗ୍ୟାଲେରୀ ଏବଂ ଦୋକାନ ଯାତ୍ରା ରୂପକ ତିନୋଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । ଏହାକୁ ସକାଳେ ମାଣିପୁର ସରପଞ୍ଚ ସରୋଜ କୁମାର ମହାପାତ୍ର ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସୋର ବିଡ଼ିଓ ସତ୍ୟନାଥ ନାୟକ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ, ବିଶିଷ୍ଟ ଅତିଥି ଭାବେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ସୋମନାଥ ଦାସ, ସମ୍ମାନିତ ଅତିଥି ଭାବେ ଆଲୁମିନି କମିଟି ସଭାପତି ଭରତ ଚନ୍ଦ୍ର ମଳିକ, ପରିଚାଳନା କମିଟି ସଭାପତି ମହେଶ୍ୱର ବାରିକ, ମଧୁବନ କ୍ଲଷ୍ଟର ସିଆରସିସି ଅନିଲ କୁମାର ସିଂ ଯୋଗଦେଇ ଷ୍ଟଲ ବୁଲିବା ସହିତ ବକ୍ତବ୍ୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଅନୁରାଧା ଜେନା ମଞ୍ଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ଲକ୍ଷ୍ମୀଧର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରବୀନ୍ଦ୍ର ନାଥ ନାୟକ, ଅକ୍ଷୟ କୁମାର ଶଙ୍ଖୁଆ, ଜୟନ୍ତ କୁମାର ସାମଲ ଷ୍ଟଲ ଗୁଡିକର ମୂଲ୍ୟାୟନ ନିମନ୍ତେ ବିଚାରକ ଭାବେ ନିଯୁକ୍ତ ହୋଇଥିଲେ । ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ଅଧିବେଶନ ପ୍ରଧାନ ଶିକ୍ଷକ ବୀରେନ୍ଦ୍ର କୁମାର ସେଣଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡ଼ା ଯୋଗଦେଇ ଷ୍ଟଲ ଗୁଡିକୁ ବୁଲିବା ସହିତ ଜ୍ଞାନକୁ ପୁଞ୍ଜି କରି ସମାଜରେ ପ୍ରତିଷ୍ଠିତ ହୋଇଥିବା ବ୍ୟକ୍ତି କେବେ ପରାଜିତ ହୁଏ ନାହିଁ ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ଜାଭିଅର ହାଇସ୍କୁଲର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ଭରତ ଚନ୍ଦ୍ର ମଳିକ, ପରିଚାଳନା କମିଟି ସଭାପତି ମହେଶ୍ୱର ବାରିକ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବିଜୟ ବାରିକ ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ହରିପ୍ରିୟା ପାତ୍ର ଧନ୍ୟବାଦ ଦେଇଥିଲେ । ସଭାପରେ ଅନନ୍ତ କୁମାର ପାଢ଼ୀ ଏବଂ ରମାକାନ୍ତ ସାହୁଙ୍କ ପରିଚାଳନାରେ ଆହୁତି, ଦୀପଶିଖା, ଦରଜା ଖୋଲିଦେବା ଏବଂ ଭିଜନ ୨୦୩୬ ନାଟକ ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏଥି ସହିତ ଛାତ୍ର ଛାତ୍ରୀଙ୍କ ଦ୍ୱାରା ନୃତ୍ୟ, ସଂଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୁଜାତା ମହାନ୍ତି, ରମାକାନ୍ତ ସାହୁ, ପ୍ରିୟଙ୍କା ଶିଅଳ, ଶୁଭଲକ୍ଷ୍ମୀ ପଣ୍ଡା, ରମାକାନ୍ତ ଦାସ, ବରେନ୍ଦ୍ର ଧଳ, ଯଦୁନାଥ ବିଶ୍ୱାଳ, ଗୋଲକ ପ୍ରସାଦ ଜେନା ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ସଦସ୍ୟା, ପାଚକ ପାଚିକା ପରିଚାଳନାରେ ସହଯୋଗ କରିଥିଲେ ।






**ସଚେତନତା ସତ୍ତ୍ୱେ କମୁନି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁହାର**

# ୪ ବର୍ଷରେ ୧୫୩୮ ଦୁର୍ଘଟଣା; ଯାଇଛି ୮୭୧ ମୁଣ୍ଡ

ବାଲେଶ୍ୱର,୧୭।୧(ସମିସ)



ଅଧିକାଂଶ ସମୟରେ କାଳ ସାଜୁଛି ବିନା ହେଲମେଟରେ ଗାଡି ଚଲାଇବା। ଘଟୁଥିବା ଦୁର୍ଘଟଣା ଭିତରେ ୪୦-୪୫ ପ୍ରତିଶତ ବିନା ହେଲମେଟରେ ଗାଡି ଚଲାଉଥିବା ଲୋକ ରହୁଛନ୍ତି। ବିଶେଷକରି ଘଟୁଥିବା ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବା ଲୋକମାନେ ସାଧାରଣତଃ ବିନା ହେଲମେଟରେ ଗାଡି ଚଲାଉଥିବା କାରଣରୁ ହୋଇଥିବା ଜଣାପଡିଛି। ବାଲେଶ୍ୱରରେ ଦୁର୍ଘଟଣା ଏବଂ ସେଥିରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା କିଛି କମ୍ ନାହିଁ। ବାଲେଶ୍ୱର ଜିଲ୍ଲାରେ ୨୦୨୨ ମସିହାରେ ୩୫୮ ଟି ଦୁର୍ଘଟଣା ଘଟିଥିବା ବେଳେ ୨୨୦ ଜଣଙ୍କ ମୃତ୍ୟୁ ହୋଇଛି। ଏଥିସହିତ ୨୩୪ ଜଣ ହେଉଛି ଆହତଙ୍କ ସଂଖ୍ୟା। ସେହିପରି ୨୦୨୫ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୩୨୮ଟି ଦୁର୍ଘଟଣା ଘଟିଥିବା ବେଳେ ୧୬୧ ଜଣ ମୃତ୍ୟୁ ଏବଂ ୨୮୧ ଜଣ ଆହତ ହୋଇଛନ୍ତି। ଚାରି ବର୍ଷରେ ସମୁଦାୟ ୧୫୩୮ ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୮୭୧ ଜଣଙ୍କ ମୃତ୍ୟୁ ହୋଇଛି। ପ୍ରତିବର୍ଷ ସଚେତନତା ସତ୍ତ୍ୱେ କମୁନି ଦୁର୍ଘଟଣା ଜନିତ ମୃତକଙ୍କ ସଂଖ୍ୟା।

ସୂଚନାଯୋଗ୍ୟ, ଜାନୁଆରୀ ୧ରୁ ୩୧ ପର୍ଯ୍ୟନ୍ତ ଜାତୀୟ ସଡ଼କ ସୁରକ୍ଷା ମାସ ପାଳିତ ହେଉଛି। ବ୍ୟାପକ ସଚେତନତା ସତ୍ତ୍ୱେ ବାଲେଶ୍ୱର ଜିଲ୍ଲାରେ ସଡ଼କ ଦୁର୍ଘଟଣା ଏବଂ ଦୁର୍ଘଟଣା ଜନିତ ମୃତକଙ୍କ ସଂଖ୍ୟା ଆସୁନଥିବା ସରକାରୀ ତଥ୍ୟରୁ ଜଣାପଡିଛି। ସରକାରୀ ତଥ୍ୟ ଅନୁସାରେ, ବାଲେଶ୍ୱର ଜିଲ୍ଲାରେ ୨୦୨୦ ମସିହାରେ ୩୫୮ ସଡ଼କ ଦୁର୍ଘଟଣାରେ ୨୨୦ ଜଣଙ୍କ ମୃତ୍ୟୁ ଘଟିଥିବା ୨୩୪ ଜଣ ଆହତ ହୋଇଛନ୍ତି। ୨୦୨୩ରେ ୪୨୦ଟି ଦୁର୍ଘଟଣାରେ ୨୩୩ ମୃତ୍ୟୁ ଓ ୨୬୪ ଆହତ, ୨୦୨୪ରେ ୪୩୨ ଦୁର୍ଘଟଣାରେ ୨୫୭ଜଣଙ୍କ ମୃତ୍ୟୁ ଏବଂ ୩୩୫ ଜଣ ଆହତ ହୋଇଥିଲେ। ସେହିପରି ୨୦୨୫ ସେପ୍ଟେମ୍ବର ମାସ ପର୍ଯ୍ୟନ୍ତ ୩୨୮ ଟି ସଡ଼କ ଦୁର୍ଘଟଣା ହୋଇଥିବା ବେଳେ ୧୬୧ ଜଣଙ୍କ ମୃତ୍ୟୁ ଏବଂ ୨୮୧ ଜଣ ଆହତ ହୋଇଛନ୍ତି। ତେବେ ପ୍ରତିବର୍ଷ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିଛି। ସଡ଼କ ସୁରକ୍ଷା ସଚେତନତାର ବିଶେଷ ସଫଳତା ମିଳୁନଥିବାରୁ ୨୦୨୬ରେ ସ୍ୱତନ୍ତ୍ର ତଥା ପ୍ରଭାବଶାଳୀ ଢଙ୍ଗରେ ଜିଲ୍ଲା ପ୍ରଶାସନ ଓ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ ଚାଲିଛି। ବିଶେଷକରି ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ବିଭିନ୍ନ ସମୟରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହୁନଥିବାରୁ ଦୁର୍ଘଟଣା କମାଇବାରେ ଫଳପ୍ରଦ ହେଉନି। ବିନା ହେଲମେଟରେ ଗାଡି ଚଲାଇବା ଏବଂ ମଦ ପିଇ ଗାଡ଼ି ଚାଳନା ଦୁର୍ଘଟଣାର ଅନ୍ୟତମ କାରଣ ସାଜୁଛି। କେବଳ ନାମକୁ ମାତ୍ର ସଡ଼କ ସୁରକ୍ଷା ମାସ ପାଳନ ନକରି ବିଭିନ୍ନ ସମସ୍ୟା ପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### 'ଚାଲାଣ ନୁହେଁ ସଚେତନତାକୁ ଗୁରୁତ୍ୱ ଦେଉଛୁ'

ଆର୍‌ଟିଓ ଶ୍ୟାମଳେନ୍ଦୁ ରାଉତ କହିଛନ୍ତି ସଡ଼କ ସୁରକ୍ଷା ମାସ ପାଳନ ପାଇଁ ଆମେ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦେଇଛୁ। ଏହି ମାସରେ ଚାଲାଣ କାଟିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଇନି। ଲୋକଙ୍କୁ ସଚେତନତା କରାଯାଉଛି। ସଡକ ସୁରକ୍ଷା ମାସର ପ୍ରଥମ ଦିନରେ ପିକ୍‌ନିକ୍ ସ୍ପଟରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହା ପୂର୍ବରୁ ପ୍ରଥମେ ଜାତୀୟ ରାଜପଥ ଉପରେ ଭାରୀଯାନ ପାର୍କିଂ ଉଠାଯାଇଛି। ସଡକ ସୁରକ୍ଷା ମାସ ପାଳନ ପାଇଁ ସହଦେବଖୁଣ୍ଟା ବସଷ୍ଟାଣ୍ଡ ରେ ଗାଡି ଚାଳକଙ୍କ ପାଇଁ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ଦିଆଯାଇଥିଲା। ସମସ୍ତଙ୍କୁ ଲିଫଲେଟ୍ ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କୁ ନେଇ ପଦଯାତ୍ରା ହୋଇଛି। ଗାଡ଼ି ଚାଳକଙ୍କୁ ସଚେତନତାବାର୍ତ୍ତା ଦିଆଯାଉଛି। ପୁଲିସ ସହିତ ମିଳିତ ଭାବେ ଯାଞ୍ଚ ପ୍ରକ୍ରିୟା କରାଯାଉଛି। ଦୁର୍ଘଟଣା ସହିତ ମୃତ୍ୟୁହାର କମାଇବା ଲକ୍ଷ୍ୟ ରହିଛି। ଆମେ ଯଦି ଦୁର୍ଘଟଣା ହାର ଦେଖିବା ତାହେଲେ ସେଥିରେ ୪୦-୪୫ ପ୍ରତିଶତ ବିନା ହେଲମେଟ ଯୋଗୁଁ ଘଟୁଛି। ସେଥିପାଇଁ ତାହା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ଆଗକୁ ଖଇରା, ରେମୁଣାରେ ସଚେତନତା କାର୍ଯ୍ୟକ୍ରମ ରହିଛି।

## ତୁଳା ଗୋଦାମରେ ଅଗ୍ନିକାଣ୍ଡ, ବ୍ୟାପକ କ୍ଷତି



ବସ୍ତା ବ୍ଲକ/ରୁପସା, ୧୭।୧ (ସମିସ): ବସ୍ତା ଥାନା ୬୦ ନମ୍ବର ଜାତୀୟ ରାଜପଥର ହଳଦୀପଦା ପେଟ୍ରୋଲ ପମ୍ପ ନିକଟରେ ଥିବା ଏକ ତୁଳା ଗୋଦାମରେ ଅଗ୍ନିକାଣ୍ଡ ଘଟି ୫୦ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି।

ହଳଦୀପଦା ଗୋବିନ୍ଦା ଅଞ୍ଚଳର ମନ୍ମଥ ପ୍ରଧାନଙ୍କ ସ୍ତ୍ରୀ କବିତା (୪୫) ଆଜକୁ ଦେଢ ବର୍ଷ ହେବ ଉକ୍ତ ସ୍ଥାନରେ ଏକ ତୁଳା ଗୋଦାମ ଚଳାଇ ଆସୁଥିଲେ। କୋଲକାତାରୁ କଞ୍ଚାମାଲ(କତରନ) ଆଣି ତୁଳା ପ୍ରସ୍ତୁତ କରି ସେଥିରୁ ରେଜେଇ, ତକିଆ, ଗଦି, କମ୍ବଳ, ବେଡସିଟ୍, ମଶାରି ଆଦି ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ତାହା ପାଇକାରି ଓ ଖୁଚୁରା ବିକ୍ରି କରିବା ସହ ବହୁ ଦୂର ଦୂରାନ୍ତ ବ୍ୟବସାୟୀଙ୍କୁ ବିକ୍ରି କରି ଆସୁଥିଲେ। ଆଜି ଅପରାହ୍ଣ ୫ଟା ସମୟରେ କୌଣସି କାରଣ ବଶତଃ ଉକ୍ତ ଗୋଦାମରେ ନିଆଁ ଲାଗିଯାଇଥିଲା। କର୍ମଚାରୀ ଏବଂ ମନ୍ମଥ ଅଗ୍ନିଶମ ବାହିନୀ ଖବର ଦେବା ସହ କଳେବଳେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ପାରି ନଥିଲେ। ତେବେ ଅଗ୍ନିଶମ ବାହିନୀ ପାଖା ପାଖି ଦେଢ ଘଣ୍ଟା ପରେ ପହଞ୍ଚିବା ବେଳକୁ ଗୋଦାମରେ ଥିବା ୫୦ ଲକ୍ଷରୁ ଅଧିକ ଟଙ୍କାର କଞ୍ଚାମାଲ ସମେତ ପ୍ରସ୍ତୁତ ହୋଇସାରିଥିବା ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ଭୟାବହ ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ବସ୍ତା ଅଗ୍ନିଶମ ବାହିନୀ ପାଣି ଉଠା ମୋଟର ପମ୍ପ ନନେଇ କେବଳ ନିର୍ଦ୍ଦିଷ୍ଟ ଆୟତନର ଟ୍ୟାଙ୍କର ନେଇଯାଇଟିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଫଳରେ ପୁଣି କର୍ମଚାରୀ ମାନେ ମୋଟର ପମ୍ପ ନେଇ ନିଆଁ ଲିଭାଇବା କାର୍ଯ୍ୟରେ ଲାଗି ପଡ଼ିଥିଲେ। ଇତି ମଧ୍ୟରେ ବାଲେଶ୍ୱରରୁ ମଧ୍ୟ ଏକ ଦମକଳ ବାହିନୀ ପହଞ୍ଚି ଥିବା ବେଳେ ମୋଟ୍ ୪ଗୋଟି ଦମକଳ ଗାଡ଼ି ନିଆଁ ଲିଭାଇବାରେ ନିୟୋଜିତ ହେବା ପରେ ପାଖା ପାଖି ଅଢେଇ ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା। ବସ୍ତା ଥାନା ପୁଲିସ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ତଦନ୍ତ ଚଳାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ଆଖି ଆଗରେ ସବୁକିଛି ଜଳି ପାଉଁଶ ହେବା ଦେଖି ପ୍ରଧାନ ଦମ୍ପତି ନିଜର ମାନସିକ ଭାରସାମ୍ୟ ହରାଇ ବସିଥିବା ଦେଖିବାକୁ ମିଳିଛି। ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଆକଳନ କରାଯାଇ ଉକ୍ତ ସର୍ବସ୍ୱାନ୍ତ ଦମ୍ପତିକୁ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି।

## ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରକୁ ମହାଲକ୍ଷ୍ମୀଙ୍କ ବିଜେ ଉତ୍ସବ



ରେମୁଣା,୧୭।୧(ସମିସ): ରେମୁଣା ଖୁସାଲିଗଞ୍ଜଠାରେ ଅବସ୍ଥିତ ସ୍ୱପ୍ନଜ୍ୟୋତି ଜଗନ୍ନାଥ ମନ୍ଦିରରେ ଆଜି ମା' ମହାଲକ୍ଷ୍ମୀ ନିଜ ପିତ୍ରାଳୟ ନନ୍ଦରାଣୀ ନିବାସରୁ ଶ୍ରୀମନ୍ଦିର କୁ ବିଜେ କରିଛନ୍ତି। ମନ୍ଦିର କମିଟିର ସଦସ୍ୟ ତଥା ଶ୍ରଦ୍ଧାଳୁ ଭକ୍ତମାନେ ତାଙ୍କୁ ତାଙ୍କ ପିତ୍ରାଳୟରୁ ସୁସଜ୍ଜିତ ପାଲିଙ୍କିରେ ଏକ ସଭାଯାତ୍ରା ରେ ଭଜନ କୀର୍ତ୍ତନ କରି ଶ୍ରୀମନ୍ଦିରକୁ ଆଣିଥିଲେ। ଲକ୍ଷ୍ମୀ ମାଙ୍କୁ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା କରାଯାଇ ମନ୍ଦିର ପରିସରକୁ ନିଆଯାଇଥିଲା। ଏହି ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦାସିଆ ବାଉରୀ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଯୁବ ସାମ୍ବାଦିକ ଶୁଭଙ୍କର ପିରିଙ୍କ ସ୍ମୃତିରେ ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ଦିର କମିଟି, ରସଲପୁର ଚଡ଼କ ଉତ୍ସବ କମିଟି, ନରହରିପୁର ଗ୍ରାମୀଣ ମେଳା କମିଟି, ମା ଭାରତୀ ଗୋସେବା କେନ୍ଦ୍ରକୁ ନାମାବଳୀ, ଗୀତା, ମହାପ୍ରଭୁ ଶ୍ରୀଜଗନ୍ନାଥ , ବୃକ୍ଷ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ମନ୍ଦିରର ପୁରନ୍ଧା ଇଂ ଦୟାଲ ଚନ୍ଦ୍ର ଦାଶଙ୍କ ସମେତ ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ଘରେ କଳାକନା ବୁଲାଇଲେ ଚୋର

ସୋର, ୧୭।୧ (ସମିସ): ସୋର ବ୍ଲକ ମାଣତ୍ରୀ ପଞ୍ଚାୟତ ମାଣତ୍ରୀ ଗ୍ରାମରେ ଘରେ କେହି ନ ଥିବା ବେଳେ ଚୋର ମାନେ ଜଣଙ୍କ ଘରୁ ଚୋରି କରିନେଇଥିବା ଜଣାପଡିଛି। ଗ୍ରାମର ବନମାଳି ଜେନା କର୍କଟ ରୋଗରେ ପୀଡ଼ିତ ଅଛନ୍ତି। ଏବେ ସେ ପରିବାର ସହ ଚିକିତ୍ସା ପାଇଁ ବାଙ୍ଗାଲୋର ଯାଇଛନ୍ତି। ଘରେ କେହି ନ ଥିବା ବେଳେ ଏହାର ସୁଯୋଗରେ ଚୋର ମାନେ ତାଙ୍କ ଘର ଗ୍ରିଲ ତାଲା କାଟି ଘର ମଧ୍ୟରେ ପଶି ଗଡ଼ରେଜ ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର, ଏକ କିଲୋରୁ ଉର୍ଦ୍ଧ୍ୱ ଓଜନର ରୁପା ଅଳଙ୍କାର ସମେତ ନଗଦ ୨୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ଆଜି ସନ୍ଧ୍ୟାରେ ବନମାଳୀଙ୍କ ଭାଇ ବୋହୂ ପାର୍ବତୀ ଘରକୁ ଆସିଥିବା ବେଳେ ଗ୍ରିଲ ତାଲା କଟା ଯାଇଥିବା ଦେଖି ଘର ମଧ୍ୟକୁ ଯାଇଥିଲେ। ସେଠାରେ ଗଡ଼ରେଜ ଭାଙ୍ଗି ଚୋର ମାନେ ଚୋରି କରିଥିବା ଜାଣି ପାରି ସୋର ପୁଲିସକୁ ଖବର ଦେଇଥିଲେ। ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ଆରମ୍ଭ କରିଛି।

## ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

ଲଙ୍ଗଳେଶ୍ୱର, ୧୭।୧ (ସମିସ): ବାଲିଆପାଳ ବ୍ଲକ ବଳରାମପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ର ବାର୍ଷିକ କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ଶିଶୁ ମନ୍ଦିର ର ପ୍ରଧାନ ଆଚାର୍ଯ୍ୟ ହରିହର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବଳରାମପୁର ସରପଞ୍ଚ ଅରୁଣ କୁମାର ପାଣିଗ୍ରାହୀ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ବିଦ୍ୟୁତ ପରିଷଦର ସଂଯୋଜକ ସନ୍ତୋଷ କୁମାର ଗିରି ଯୋଗଦେଇ ଥିଲେ। ଗୁରୁମା ଅର୍ଚ୍ଚନା ପାଣିଗ୍ରାହୀ, ରାକ୍ଷୀ ଦାସ, ମଧୁମିତା ଗିରି, ସୁପ୍ରିୟା ବାରିକ, ପିଙ୍କି ବେହେରା, ଗୀତାଞ୍ଜଳୀ ନାଥ, ବିକାଶ ରାଉତ, ନିର୍ମଳ ରଣଜିତ, ନରୋତ୍ତମ ରାଉତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୧୯ରୁ ନାଟ୍ୟପ୍ରଭାର ବାର୍ଷିକ ଉତ୍ସବ ଓ ପ୍ରଥମ ନାଟ୍ୟୋତ୍ସବ

ବାଲେଶ୍ୱର,୧୭।୧(ସମିସ): ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ପୁରାତନ ନାଟ୍ୟାନୁଷ୍ଠାନ "ନାଟ୍ୟପ୍ରଭା'ର ୨୨ତମ ବାର୍ଷିକ ଉତ୍ସବ ଓ ପ୍ରଥମ ନାଟ୍ୟୋତ୍ସବ ଗାନ୍ଧିସ୍ମୃତି ଭବନରେ ଅନୁଷ୍ଠିତ ହେବ। ଚାରିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ଚାରୋଟି ନାଟକ ମଞ୍ଚସ୍ଥ ହେବା ସହ ନାଟକ ସହିତ ଜଡ଼ିତ ଥିବା ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି 'ନାଟ୍ୟପ୍ରଭା' ପକ୍ଷରୁ ଆଜି ଓଡ଼େଶା ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।। 'ନାଟ୍ୟପ୍ରଭା'ର ସମ୍ପାଦକ ସୁଶାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଚାରିଦିବସୀୟ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ଚଳିତବର୍ଷ ଚାରୋଟି ସନ୍ଧ୍ୟାକୁ ଉଭୟ ବାଲେଶ୍ୱର ଓ ଭଦ୍ରକରେ ପ୍ରବାହିତ ଚାରୋଟି ନଦୀ ଯଥା ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କାଂଶବାଂଶ, ସାଳନ୍ଦୀ ନାମରେ ନାମିତ କରାଯାଇଛି। ଏହି ଚାରୋଟି ସନ୍ଧ୍ୟାରେ ଚାରି ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ଯଥାକ୍ରମେ ବାଲେଶ୍ୱରର ନାଟ୍ୟପ୍ରଭା ପକ୍ଷରୁ "ଦ ଲାଷ୍ଟ ପେଗ୍', ସ୍ରଷ୍ଟା ପକ୍ଷରୁ "ଏକ ନଷ୍ଟ ନାୟକର ନାଟ୍ୟକାର, ବାରିପଦାର ନୂପୁର ପକ୍ଷରୁ "ଚକ୍ରବ୍ୟୁହ', ବାଲେଶ୍ୱରର ନାୟିକା ପକ୍ଷରୁ "ଫୁଲ୍ ଟେନସନ' ମଞ୍ଚସ୍ଥ କରାଯିବ। ଏହା ବ୍ୟତୀତ ଏହି ଚାରିଦିନରେ ଡ. କୁମାର ଗୋପାଳ ସମ୍ମାନ ନାଟ୍ୟକାର ଦେବବ୍ରତ ଦେ', ଇଂ ଅରୁଣୀ କୁମାର ରକ୍ଷିତ ସ୍ମାରକୀ ସମ୍ମାନ ବିଶିଷ୍ଟ ଅଭିନେତା ରତିକାନ୍ତ ବେହେରା, ଡ. ରମାକାନ୍ତ ସ୍ମୃତି ସମ୍ମାନ ବିଶିଷ୍ଟ ନାଟ୍ୟକାର ଡ. ସୁଧାଂଶୁ ଶେଖର ନାୟକ, ନାଟ୍ୟପ୍ରଭା ସମ୍ମାନ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ରତିଦିନ ଜଣେ ଲେଖାଏଁ ଦର୍ଶକଙ୍କୁ ଲକି ଡ୍ର ମାଧ୍ୟମରେ ୫ ଶହ ଟଙ୍କାର ପୁରସ୍କାର ସହ ଉଦ୍‌ଯାପନୀ ଉତ୍ସବରେ ଜଣେ ଶ୍ରେଷ୍ଠ ଦର୍ଶକଙ୍କୁ 'ନାଟ୍ୟପ୍ରଭା ଦର୍ଶକ ରତ୍ନ ସମ୍ମାନ'ରେ ସମ୍ମାନିତ କରାଯିବ ବୋଲି ଶ୍ରୀ ଦାସ ସୂଚନା ଦେଇଥିଲେ। ଉପଦେଷ୍ଟା ଆଇନଜୀବୀ ପର୍ଶୁରାମ ପ୍ରଧାନ ସଙ୍ଗଠନ ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଅନ୍ୟତମ ଉପଦେଷ୍ଟା ଗୌର ଚନ୍ଦ୍ର ବାରିକ ସଙ୍ଗଠନ ଇତିହାସ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂହିତା ଦାସ, ଶ୍ରୀନିବାସ ପଣ୍ଡା ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ଲକ୍ଷ୍ମୀଧର ମହାନ୍ତି ଧନ୍ୟବାଦ ଦେଇଥିଲେ।

## କାଳ ସାଜିଲା ମାଞ୍ଜା ସୂତା, ଯୁବକ ଗୁରୁତର



ବାଲେଶ୍ୱର,୧୭।୧(ସମିସ): କାଳ ତଥା ଘାତକ ହେଉଛି ମାଞ୍ଜା ସୂତା। ପ୍ରତିଦିନ ମାଞ୍ଜା ସୂତାର ଆହତ ହେଉଛନ୍ତି ସହରବାସୀ। ଆଜି ଅରଡବଜାର ଅଞ୍ଚଳର ଜଣେ ଯୁବକ ମାଞ୍ଜା ସୂତା ପାଇଁ ଗୁରୁତର ଆହତ ହୋଇଛନ୍ତି। ଆହତ ହୋଇଥିବା ଯୁବକ ଜଣକ ହେଉଛନ୍ତି ସାବିର୍ ଖାନ୍ (୨୨)। ସୂଚନାଯୋଗ୍ୟ, ଆଜି ସାବିର୍ ଅରଡବଜାରରୁ ଆନନ୍ଦ ବଜାରକୁ ଯାଉଥିବା ସମୟରେ ଗୁଡ଼ି ସୂତା ଲାଗି ଆଖି ପାଖ କଟିଯାଇଛି। ଆହତ ହେବା ପରେ ତାଙ୍କ ପରିବାର ଲୋକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସୂଚନାଯୋଗ୍ୟ, କିଛି ଦିନ ତଳେ ଉକ୍ତ ଅଞ୍ଚଳରେ ବରିଷ୍ଠ ଆଇନଜୀବୀ ସୂର୍ଯ୍ୟକାନ୍ତ କର ମଧ୍ୟ ମାଞ୍ଜା ଗୁଡ଼ି ସୂତାର ଶିକାର ହୋଇଥିଲେ। ଫଳରେ ଏଦିଗରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସହଦେବଖୁଣ୍ଟା ଏବଂ ଟାଉନ ଥାନା ଆଇଆଇସିଙ୍କୁ ଜଣାଇଥିଲେ।

**● ମା' ବଗଳାଦେବୀଙ୍କ ଜନ୍ମୋତ୍ସବ ଓ ପିତାମ୍ବରା ସିଦ୍ଧ ମହାଶକ୍ତିପୀଠର ବାର୍ଷିକୋତ୍ସବ**

## ମା'ଙ୍କ ନିକଟରେ ଲାଗିହେଲା ୧୦୦୮ ପ୍ରକାର ବ୍ୟଞ୍ଜନ



ବାଲେଶ୍ୱର,୧୭।୧(ସମିସ): କୁରୁଡା ନିକଟସ୍ଥ ପୀତାମ୍ବରା ମା'ବାଗଳାମୁଖୀଙ୍କ ଜନ୍ମୋତ୍ସବ ତଥା ଶ୍ରୀ ଶ୍ରୀ ପୀତାମ୍ବରା ସିଦ୍ଧ ମହାଶକ୍ତି ପୀଠର ତ୍ରୟୋଦଶ ବାର୍ଷିକ ଉତ୍ସବ ତିନି ଦିନ ଧରି ଆୟୋଜିତ ହୋଇଯାଇଛି। ୧୫ ତାରିଖରୁ ଆରମ୍ଭ ହୋଇଥିବା ଜଗତଜନନୀ ମା' ବଗଳାମୁଖୀଙ୍କ ଜନ୍ମ ଉତ୍ସବ ତିନିଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଶତାଧିକ ଭକ୍ତଙ୍କ ଗହଣରେ ଶନିବାର ସନ୍ଧ୍ୟାରେ ସମ୍ପନ୍ନ ହୋଇଛି।

ମହାଶକ୍ତିପୀଠାଧୀଶ ଆଚାର୍ଯ୍ୟ ରବିନାରାୟଣ ମିଶ୍ର ମହାରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ବିଧିପୂର୍ବକ ସମାପନହୋଇଥିଲା। ଜନ୍ମୋତ୍ସବଅବସରରେ ମା'ଙ୍କୁ ୧୦୦୮ ପ୍ରକାରର ବିଭିନ୍ନ ବ୍ୟଞ୍ଜନ, ମିଷ୍ଟାନ୍ନ, ଫଳମୂଳାଦି ଲାଗି କରାଯାଇଥିଲା। ଶ୍ରଦ୍ଧାଳୁମାନେ ପୀଠ ପରିସରରେ ଉପସ୍ଥିତ ରହି ନିଷ୍ଠାର ସହ ସମସ୍ତ ପ୍ରସାଦ ପ୍ରସ୍ତୁତ କରିଥିଲେ। ଜନୈକ ମହିଳା ଭକ୍ତ ମା'ଙ୍କ ଜନ୍ମତ୍ସୋବ ପାଇଁ ବିଶାଳ କେକ୍ ପ୍ରସ୍ତୁତ କରିଥିବା ଦେଖିବାକୁ ମିଳିଥିଲା। ଶନିବାର ସନ୍ଧ୍ୟାରେ ମହାଯଜ୍ଞରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ଏହା ପରେ ବାଣ ରୋଷଣୀ ସହ ଯଜ୍ଞମଣ୍ଡପରୁ ମା' ଶ୍ରୀ ମନ୍ଦିରକୁ ବିଜେ କରିବା ପରେ ମହାଆଳତୀ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଶତାଧିକ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ଉପାଚାର୍ଯ୍ୟ ଆଦିତ୍ୟ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ପୀଠର ସେବକ ସେବିକାମାନେ ଉତ୍ସବକୁ ପରିଚାଳନା କରିଥିଲେ।

## ଭୀମେଶ୍ୱର ମକର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା



ବାଲେଶ୍ୱର,୧୭।୧(ସମିସ): ଭୀମେଶ୍ୱର ସାଂସ୍କୃତିକ ପରିଷଦ ଓ ଭୀମେଶ୍ୱର ଉନ୍ନୟନ ପରିଷଦ ମିଳିତ ଆନୁକୂଲ୍ୟରେ ଭୀମେଶ୍ୱର ମକର ମହୋତ୍ସବର ଦ୍ୱିତୀୟ ସାଂସ୍କୃତିକ ସନ୍ଧ୍ୟା ଶିକ୍ଷାବିତ୍ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରହିତ୍ୱରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ରେମୁଣା ବିଧାୟକ ତଥା ସରକାରୀ ଦଳର ଉପ ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମୁଖ୍ୟବକ୍ତା ଭାବେ ସୁନାମଧନ୍ୟ ସିନେ ତାରକା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଶିଷ୍ଟ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ସୁଶାନ୍ତ ପଟ୍ଟନାୟକ, ବରିଷ୍ଠ ସଦସ୍ୟ ଅତନୁ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। କମିଟିର ସଦସ୍ୟ ରମେଶ ଚନ୍ଦ୍ର ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଚିନ୍ମୟ ରଥ ଓ କୀର୍ତ୍ତି ରଞ୍ଜନ ଦ୍ୱିବେଦୀ ବେଦ ପାଠ, ସଦସ୍ୟ ଧନଞ୍ଜୟ ଷଡ଼ଙ୍ଗୀ ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଜୟକୃଷ୍ଣ ଜେନା, ତାପସ ରଥ, ମୃତ୍ୟୁଞ୍ଜୟ ଦାସ୍, କାର୍ତ୍ତିକ ଜେନା, ଈଶ୍ୱର ଦାସ, ସତ୍ୟବ୍ରତ ପ୍ରଧାନ, ରଣଜିତ୍ ବେହେରା, ଗୋବିନ୍ଦ ଚନ୍ଦ୍ର ଦାସ, ଶଶିକାନ୍ତ ମହାନ୍ତି, ସତ୍ୟରଞ୍ଜନ ରଥ ପ୍ରମୁଖ ପରିଚାଳନା କରିଥିଲେ।

## ସାର୍ବଜନୀନ ଶ୍ରୀରାମ ଚରିତ ପାରାୟଣ ଓ ଜ୍ଞାନଯଜ୍ଞ

ବାଲେଶ୍ୱର,୧୭।୧(ସମିସ): ସ୍ଥାନୀୟ କୁରୁଡା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ସାର୍ବଜନୀନ ଶ୍ରୀରାମ ଚରିତ ନବାହ୍ନ ପରାୟଣ ଓ ଜ୍ଞାନଯଜ୍ଞ ଉଦଘାଟନ ହୋଇଯାଇଛି। ଉଦଘସଟକ ଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଣ୍ଡିତ ନିରଞ୍ଜନ ସାହୁ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ପ୍ରବଚକ ପ୍ରଶାନ୍ତ ଓଝା ରାମଚରିତ ମାନସ ଉପରେ ପ୍ରବଚନ ରଖିଥିଲେ। ଦେବେନ୍ଦ୍ର କୁମାର ମହାନ୍ତି ସଂକ୍ଷିପ୍ତ ସୂଚନା ପ୍ରଦାନ ପୂର୍ବକ ଅତିଥି ମାନଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ କମିଟିର ସଭାପତି ସାବିତ୍ରୀ ଜେନା ସଭାପତିତ୍ୱ କରିଥିଲେ। କମିଟି ସମ୍ପାଦକ ଶରତ କୁମାର ଜେନା କମିଟିର ଆୟ ବ୍ୟୟ ପ୍ରଦାନ ପୂର୍ବକ ବିବରଣୀ ପାଠ କରିଥିଲେ। ମଞ୍ଚାସୀନ ବ୍ୟକ୍ତି ମାନଙ୍କ ମଧ୍ୟରେ ରାଜେନ୍ଦ୍ର ରାଉତ, କାର୍ତ୍ତିକ ଚନ୍ଦ୍ର ଗିରି, ଶ୍ରୀଧର ବେହେରା, ଭାସ୍କର ଚନ୍ଦ୍ର ପଣ୍ଡା, ନୟନ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା, ଗଜେନ୍ଦ୍ର କୁମାର ଚଣ୍ଡ, ମହେଶ କୁମାର ଚଣ୍ଡ ଉପସ୍ଥିତ ଥିଲେ। ସନ୍ତୋଷ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ତହସିଲ ପକ୍ଷରୁ ଇଟାଭାଟିରେ ଚଢ଼ଉ

ସୋର,୧୭।୧(ସମିସ): ସୋରର ବିଭିନ୍ନ ଜଙ୍ଗଲ ଜମିରେ ଓ ସରକାରୀ ଜାଗାରେ ଇଟାଭାଟି ଗଢି ଉଠିଥିବା ବେଳେ ପ୍ରଶାସନ ପକ୍ଷରୁ ଚଢ଼ଉ କରାଯାଉନାହିଁ। ସ୍ଥାନୀୟ ଲୋକେ ବିଭିନ୍ନ ଅସୁବିଧାକୁ ସମ୍ମୁଖିନ ହେଉଥିବା ବେଳେ ମାଫିଆ ମାନେ ମାଲେମାଲ ହେଉଛନ୍ତି। ଏନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ କିଛିଦିନ ତଳେ ସୋର ତହସିଲ ପକ୍ଷରୁ ବିଭିନ୍ନ ସ୍ଥାନରେ ଗଢିଉଠିଥିବା ଏହି ଇଟା ଭାଟିଗୁଡିକର କାଗଜପତ୍ର ଯାଞ୍ଚ କରାଯାଇଥିଲା। ଆଜି ଅପରାହ୍ଣରେ ସୋର ଅତିରିକ୍ତ ତହସିଲଦାର କୃଷ୍ଣମୋହନ ସିଂହ ଏକ ଟିମ ସହ ସୋର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ସହଯୋଗରେ ବନ୍ଧସାହିରେ ଗଢିଉଠିଥିବା ଚଦର ଇଟାଭାଟି ଉପରେ ଚଢାଉ କରି ପାଣି ମାରିବା ସହିତ ଗଢାଯାଇଥିବା ଇଟା ଓ ପୋଡା ଯାଉଥିବା ଇଟାକୁ ନଷ୍ଟ କରିଥିଲେ।

# ଟିପିଏନ୍‌ଓଡିଏଲ ପକ୍ଷରୁ ବାଲେଶ୍ୱରରେ ଉପଭୋକ୍ତା ସମ୍ମିଳନୀ

ବାଲେଶ୍ୱର,୧୭।୧(ସମିସ)



ଟିପିଏନଓଡିଏଲ ପକ୍ଷରୁ ବାଲେଶ୍ୱରର ନୋସୀ ପରିସରରେ ବାଲେଶ୍ୱର, ଭଦ୍ରକ ଓ ବାରିପଦା ସର୍କଲର ଏଚଟି ଓ ଇଏଚ୍‌ଟିର ପ୍ରମୁଖ ଉପଭୋକ୍ତାମାନଙ୍କୁ ନେଇ ଉପଭୋକ୍ତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଟିପିଏନଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଗଜାନନ କାଲେ, ବାଣିଜ୍ୟ ଓ ବିଇ ମୁଖ୍ୟ ଜୟଦୀପ ରୟ, ପରିଚାଳନା ମୁଖ୍ୟ ନିଲେଶ ପୋଟଫୋଡେ, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ମାନବ ସମ୍ବଳ ମୁଖ୍ୟ ରମେନ୍ଦ୍ର ବନିକଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ତଥା ସଦସ୍ୟମାନେ ଉପସ୍ଥିତ ଥିଲେ। ଆୟୋଜିତ ଉପଭୋକ୍ତା ସମ୍ମିଳନୀରେ ଟିପିଏନଓଡିଏଲର ପକ୍ଷରୁ ଗୁଣାତ୍ମକ ବିଦ୍ୟୁତ ସେବା, ବିଦ୍ୟୁତ ଭିତ୍ତିଭୂମିର ସୁଦୃଢ଼ୀକରଣ ତଥା ଅଭିନବ ଉପଭୋକ୍ତା-କୈନ୍ଦ୍ରୀକ ଆଭିମୁଖ୍ୟ ବିଷୟରେ ଆଲୋକପାତ କରାଯିବା ସହ ଆଧୁନିକ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ନେଇ ବିଶେଷ ଉପସ୍ଥାପନା କରଯାଇଥିଲା ଓ ଉପସ୍ଥିତ ଉଦ୍ୟୋଗ ପ୍ରତିନିଧୀମାନେ ମଧ୍ୟ ଟିପିଏନଓଡିଏଲର ବିଦ୍ୟୁତ ପରିଚାଳନା ନେଇ ନିଜର ମତାମତ ପ୍ରକାଶ କରିବା ସହ ବିତରଣ କ୍ଷେତ୍ରରେ ହୋଇଥିବା ରୂପାନ୍ତରଣକୁ ନେଇ ପ୍ରଶଂସା କରିଥିଲେ ଓ ଏହି ଅବସରରେ ସିଇଓ ଶ୍ରୀ କାଲେ ଉପଭୋକ୍ତାଙ୍କୁ ଗୁଣା।କ ବିଦ୍ୟୁତ୍ ଯୋଗାଣ ପାଇଁ ଟିପିଏନଓଡିଏଲ ପ୍ରତିଶ୍ରୁତିବଦ୍ଧ ରହିଥିବାବେଳେ ଗ୍ରାହକ-କୈନ୍ଦ୍ରିକ ସେବା, ବିଦ୍ୟୁତ ସୁରକ୍ଷା, ସୌରୀକରଣ ଏବଂ ନିରନ୍ତର ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ କାର୍ଯ୍ୟରତ ରହିଛି ବୋଲି କହିଥିଲେ। ବିଦ୍ୟୁତ୍ ନିର୍ଭରଯୋଗ୍ୟତା ତଥା ସୌରଶକ୍ତିର ବହୁଳ ବ୍ୟବହାର କ୍ଷେତ୍ରରେ ଓଡ଼ିଶାର ଅଭିବୃଦ୍ଧିକୁ ସଶକ୍ତ କରିବା ପାଇଁ ଟିପିଏନଓଡିଏଲ ନିରନ୍ତର ପ୍ରୟାସ ଜାରି ରଖିବ ବୋଲି ସେ ଦୋହରାଇଥିଲେ । କାର୍ଯ୍ୟକ୍ରମରେ ବାଲେଶ୍ୱର ଅଧିକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟ, ବାରିପଦା ଅଧିକ୍ଷଣ ଯନ୍ତ୍ରୀ ଦେବଦତ୍ତ ପଣ୍ଡା ଓ ଭଦ୍ରକ ଅଧିକ୍ଷଣ ଯନ୍ତ୍ରୀ ଭୁପେନ୍ଦ୍ରନାଥ ସାହୁଙ୍କ ସମେତ ତିନୋଟି ସର୍କଲର ସମସ୍ତ ନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ଉଦ୍ୟୋଗ ପ୍ରତିନିଧୀମାନଙ୍କୁ ନେଇ 'ଭାରତର ବଢୁଥିବା ବିଦ୍ୟୁତ ଆବଶ୍ୟକତା ପୂରଣରେ ନବୀକରଣୀୟ ଶକ୍ତିର ଭୂମିକା' ବିଷୟବସ୍ତୁକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ଜଳେଶ୍ୱର କୃଷି ଜିଲ୍ଲାରେ କର୍ମଚାରୀ ମରୁଡ଼ି

**ଜଳେଶ୍ୱର, ୧୭।୧ (ସମିସ)**




ଖରିଫ ଋତୁରେ ସୁବର୍ଣ୍ଣରେଖା ନଦୀରେ ୭ଟି ବନ୍ୟା ଦେଖାଦେଇଥିବାରୁ ଚଳିତବର୍ଷ ରବିଚାଷ ଲାଗି କୃଷକ ଉଦ୍ବିଗ୍ନ କିନ୍ତୁ ଅର୍ଦ୍ଧାଧିକ ପଦବୀରେ କୃଷି ଅଧିକାରୀ ଓ କର୍ମଚାରୀ ନ ଥିବାରୁ ରବିଚାଷ ପାଇଁ ୩ଟି ବ୍ଲକର କୃଷକମାନେ ଚିନ୍ତାରେ ଅଛନ୍ତି। ଗ୍ରାମାଂଚଳରେ ରହିବାକୁ ଥିବା ୪୮ଟି ଗ୍ରାମ୍ୟ କୃଷି ଅଧିକାରୀ କର୍ମଚାରୀ ମଧ୍ୟରୁ ୨୮ଟିରେ କେହିନଥିବା ଜଣାଯାଇଛି। ସମଗ୍ର ବାଲେଶ୍ୱର ଜିଲାରେ ୫ଟି କୃଷି ଜିଲା ଥିବା ବେଳେ ଜଳେଶ୍ୱର କୃଷି ଜିଲାରେ ବ୍ୟାପକ ରବିଚାଷ ହୋଇଥାଏ। ବିଶେଷକରି ସମଗ୍ର ଜିଲାରେ ୨୫ହଜାର ହେକ୍ଟର ଧାନଚାଷ ହେଉଥିବା ବେଳେ ଜଳେଶ୍ୱର କୃଷି ଜିଲାର ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକରେ ୨୧ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥାଏ। ଏହା ବ୍ୟତିତ ୩୫୦୦ ହେକ୍ଟର ଜମିରେ ଡାଲି ଜାତୀୟ, ୩ ହଜାର ହେକ୍ଟର ଜମିରେ ପନିପରିବା ଚାଷ ମଧ୍ୟ ହୋଇଥାଏ। ଜଳେଶ୍ୱର କୃଷି ଜିଲାର କୃଷକମାନେ ସଚେତନ ହୋଇଥିବାରୁ କୃଷି ଅଧିକାରୀମାନଙ୍କ ପରାମର୍ଶ ଲୋଡିଥାନ୍ତି। ସମଗ୍ର ରାଜ୍ୟରେ ଜାନୁଆରୀ ମାସରେ ରବିଧାନ ତଳିପଡୁଥିବା ବେଳେ ଜଳେଶ୍ୱର କୃଷି ଜିଲାର ପ୍ରାୟ ୫୦ଭାଗ ରୁଆପୋତା ଶେଷ ହୋଇଛି। କିନ୍ତୁ ଗତ କିଛିବର୍ଷ ଧରି କୃଷି କର୍ମଚାରୀଙ୍କ ଅଭାବ ଯୋଗୁଁ ଚାଷୀମାନ କୃଷି ପରାମର୍ଶ ପାଇପାରୁନାହାନ୍ତି।

କୃଷି ବିଭାଗର ତଥ୍ୟ ଅନୁଯାୟୀ ଜଣେ କୃଷି ଜିଲା ଅଧିକାରୀ ରହିବାକୁ ଥିବା ବେଳେ ଦୀର୍ଘମାସ ଧରି ଫାଙ୍କା ପଡିଛି। ୩ଟି ବ୍ଲକରେ ୩ଜଣ ବ୍ଲକ କୃଷି ଅଧିକାରୀ ପଦବୀ ଥିବା ବେଳେ ଏବେ ଗୋଟିଏ ପଦବି ଜଳେଶ୍ୱର ଫାଙ୍କା ପଡିଛି। ସହକାରୀ କୃଷି ଅଧିକାରୀଭାବେ ୭ଜଣ ରହିବାର ବ୍ୟବସ୍ଥା ଥିବା ବେଳେ ୫ଟି ପଦବୀରେ କେହି ନାହାନ୍ତି। କୃଷି ଅଧିକାରୀଭାବେ ୧୦ଟି ପଦବୀରୁ ୪ଟି ଫାଙ୍କା ଓ ପିପିଏ ଅଧିକାରୀ ପଦବୀ ଫାଙ୍କା ରହିଛି। ଭୋଗରାଇରେ

**■ ୭୮ ପଦରୁ ୪୩ ଫାଙ୍କା**

**■ ବନ୍ୟା ପରେ ରବିଚାଷ ପାଇଁ ଚିନ୍ତାରେ ଚାଷୀ**

୧୫ଜଣ ଗ୍ରାମ୍ୟକୃଷି ଅଧିକାରୀ ରହିବାକୁ ଥିବା ବେଳେ ୮ଟି, ଜଳେଶ୍ୱରରେ ୧୯ଟି ମଧ୍ୟରୁ ୭ଟି, ବାଲିଆପାଳରେ ୧୪ଟି ମଧ୍ୟରୁ ୯ଟି ଫାଙ୍କା ପଡିଥିବାରୁ କୃଷକମାନେ ହତୋତ୍ସାହ ହୋଇ ପଡିଛନ୍ତି। କୃଷି ଜିଲାରେ ୩ଜଣ ବରିଷ୍ଠ କିରାଣି ରହିବାକୁ ଥିବା ବେଳେ ଗୋଟିଏ ଓ କନିଷ୍ଠ କିରାଣି ଗୋଟିଏ ରହିବାକୁ ଥିବା ବେଳେ ତାହା ମଧ୍ୟ ଫାଙ୍କା ପଡିଛି। ସେହିଭଳି ପିଅନ୍ ଓ ରାତିଜଗୁଆଳି ୩ଟି ପଦବୀ ଥିବା ବେଳେ ଦୁଇଜଣ ରହିଛନ୍ତି।

ପ୍ରକାଶଯୋଗ୍ୟ କୃଷି ପରାମର୍ଶ ଲାଗି ପଶ୍ଚିମବଂଗ ଓ ଆନ୍ଧ୍ରରେ ବିଭିନ୍ନ ସୁବିଧା ସୁଯୋଗ ଓ ଅଧିକ କର୍ମଚାରୀ ତଥା କୃଷି କମ୍ପାନୀ ଗୁଡିକ ପରାମର୍ଶ ଦେବାର ଥିବା ବେଳେ ଓଡିଶାରେ ତାହା ନାହିଁ। ଏହା ବ୍ୟତିତ ବିଭିନ୍ନ ସରକାରୀ ଯୋଜନାରେ କୃଷି ଅଧିକାରୀ ଏବଂ ଦୈବଦୁର୍ବିପାକରେ ସେମାନଙ୍କୁ ନିୟୋଜିତ କରାଯାଉଥିବା ବେଳେ କର୍ମଚାରୀ ମରୁଡି ଯୋଗୁଁ ତାହା ଠିକ୍‌ଭାବେ କାର୍ଯ୍ୟକାରୀ ହୋଇପାରୁ ନାହିଁ କି କୃଷକ ମାନଙ୍କ ଉନ୍ନତି ହୋଇପାରୁ ନାହିଁ। କର୍ମଚାରୀ ଅଭାବ ଲାଗି ଆଗାମୀ ଦିନରେ ଆନ୍ଦୋଳନ ହୋଇପାରେ ବୋଲି ବିଶେଷ ସୂତ୍ରରୁ ଜଣାଯାଇଛି।

## ଓଝାପୋଖରୀ-ନନ୍ଦୁର ମୁନି ମହୋତ୍ସବ ଉଦ୍‌ଘାଟିତ

**ଖଇରା,୧୭ ।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନନ୍ଦୁର ମୁନି ମେଳା ୧ଶହ ବର୍ଷ ଅଧୀକ ସମୟ ଧରି ପାଳିତ ହୋଇ ଆସୁଥିବା ବେଳେ ଚଳିତ ବର୍ଷ ର ଅନ୍ୟତମ ଆକର୍ଷଣ ଓଝାପୋଖରୀ ନନ୍ଦୁର ମୁନୀ ମହୋତ୍ସବ ଶୁକ୍ରବାର ସଂଧ୍ୟାରେ ନାଚ ଗୀତର ଆସର ଦର୍ଶକଙ୍କୁ ବିମୋହିତ କରିଛି। ଉଦ୍‌ଘାଟନୀ ସଭାରେ ଖଇରା ବିଡିଓ ନାରାୟଣ ସାହୁ ମୁଖ୍ୟ ଅତିଥି, ତହସିଲଦାର ଅମିତ ରଞ୍ଜନ ହୋତା ମୁଖ୍ୟବକ୍ତା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଣନାଥ ଓଝା, ଇଂ ଅନନ୍ତ କିଶୋର ଓଝା, ନନ୍ଦୁର ହାଇସ୍କୁଲର ପ୍ରଧାନଶିକ୍ଷକ ଭବାନୀ ଶଙ୍କର ଦ୍ୱିବେଦୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଭା ପ୍ରାରମ୍ଭରେ ଗଣ୍ଡିବେଡ ସାଇଡ୍ୟାନ୍ସ ଗ୍ରୁପର କଳାକାର ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରତିଭାଧାରୀ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତ୍ରୟଲୋକ୍ୟ ଓଝା ଧନ୍ୟବାଦ ଅର୍ପଣ, ସୁଶାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ ଓଡିଶା ସରକାରଙ୍କ ସଂସ୍କୃତି ବିଭାଗ ପ୍ରାୟୋଜିତ ଓଡିଶୀ ଗୁରୁ ଗଜେନ୍ଦ୍ର ପଣ୍ଡା ଓ ବିଜୟୀ ଲକ୍ଷ୍ମୀ ଓଝାଙ୍କ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା।



## ମା' ବଡ଼ପଣ୍ଡା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ନୀଳଗିରି, ୧୭।୧ (ସମିସ):** ନୀଳଗିରି ଏନ୍‌ଏସି ଅନ୍ତର୍ଗତ ୧୧ ନମ୍ବର ୱାଡର୍ ଷ୍ଟେସନସାହି ଗ୍ରାମର ଦୁଇଦିବସୀୟ ମା'ବଡ଼ପଣ୍ଡା ମିନିଗୋଲି (ଛୋଟ ଗୋଲପୋଷ୍ଟ) ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ପୂର୍ବତନ ବିଧାୟକ ଇଂ ସୁକାନ୍ତ କୁମାର ନାୟକ, ସମ୍ମାନୀତ ଅତିଥିଭାବେ ଏନ୍.ଏ.ସି.ର ପୂର୍ବତନ ଚେୟାରମ୍ୟାନ ରାଧାଗୋବିନ୍ଦ ଖଟୁଆ ଉପସ୍ଥିତ ରହି ଖେଳକୁ ଫିତାକାଟି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଶିଶିର କୁମାର ମହାପାତ୍ର ଫାଉଣ୍ଡେସନର ସଭାପତି ସବ୍ୟସାଚୀ ମହାପାତ୍ର(ଟୁବୁଲୁ) ଯୋଗଦାନ କରିଥିଲେ। ଅନ୍ୟତମ ଅତିଥିଭାବେ ପ୍ରବୀଣ ନାୟକ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଲମ୍ବୋଦର ସିଂ ମଞ୍ଚ ପରିଚାଳନା କରିଥିଲା ବେଳେ ପରେଶ ସିଂ ଧାରା ପ୍ରଦାନ କରିଥିଲେ। କ୍ଲବର ସଭାପତି ଟୀକା ସିଂ, ସମ୍ପାଦକ ସୁଶାନ୍ତ ବେହେରା,ସଦସ୍ୟ ଦେବାଶିଷ, ଆଶିଶ୍,ତାଲା ବାବୁ,ମକୁରୁ, ଟୁକା, ମୁଙ୍ଗୁଲିଆ, ଡାଣ୍ଟୁ,ନାଣ୍ଟୁ ପ୍ରମୁଖ ସହଯୋଗ କରିଥିଲେ। ଏଥିରେ ୧୬ଟି ଦଳ ଭାଗନେଇଥିଲ। ରାଇସନ ଟୁଡୁ ଚାମ୍ପିଅନ ହୋଇଥିଲା ବେଳେ ରାଇଙ୍ଗା ଏଫ୍.ସି. ରନର୍ସ ଅପହୋଇଥିଲେ।

## ହୋ ଆଦିବାସୀ ସମ୍ପ୍ରଦାୟ ଲୋକ ମହୋତ୍ସବ ଉଦ୍‌ଯାପିତ



**ନୀଳଗିରି,୧୭।୧(ସମିସ):** ବାଲେଶ୍ୱରଜିଲ୍ଲା ନୀଳଗିରି ବ୍ଲକ ନରଣପୁର ଗ୍ରାମପଞ୍ଚାୟତ ଅଧୀନସ୍ଥ ନକୁଳକର ହାଟଠାରେ ହୋ ଆଦିବାସୀ ସମ୍ପ୍ରଦାୟର ଲୋକ ମହୋତ୍ସବ ଉଦଯାପିତ ହୋଇଯାଇଛି । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବୁଦ୍ଧିରାମ ସିଂ, ମୁଖ୍ୟବକ୍ତା ଭାବେ ନୀଳଗିରି ପୂର୍ବତନ ବିଧାୟକ ଇଂ. ସୁକାନ୍ତ ନାୟକ, ସମ୍ମାନିତ ଅତିଥି ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ୧୧ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ, ମଦନ ମୋହନ ମାଝୀ, ଗଙ୍ଗାଧର ମିଶ୍ର ମଞ୍ଚାସୀନ ଥାଇ ହୋ ଆଦିବାସୀ ସମ୍ପ୍ରଦାୟର ସମାଜ, ପରମ୍ପରା, ସଂସ୍କୃତି, ଭାଷାର ଉନ୍ନତି ପାଇଁ ସମସ୍ତେ ଏକ ହେବାର ଆବଶ୍ୟକତା ଅଛି ବୋଲି ଅଭିଭାଷଣରେ କହିଥିଲେ। ସୁରେନ୍ଦ୍ର ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ମହୋତ୍ସବ କମିଟିର ସଭାପତି ଶିବାଜୀ ସିଂ, ସମ୍ପାଦକ ସୁରେନ୍ଦ୍ର ସିଂ, ଜିଲ୍ଲା ସଭାପତି ହରିଶ୍ଚନ୍ଦ୍ର ଗରପାଲ, ଜିଲ୍ଲା ଉପ ସଭାପତି ଭାଗିରଥି ମୁଦୁୟା, ସ୍ଥାନୀୟ ସରପଞ୍ଚ ସଞ୍ଜୟ ସିଂ, ମୁନା ସିଂ ପ୍ରମୁଖ ଉପସ୍ଥିତ ରହି ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

## ସ୍ମରଣିକା 'ଗୁରୁଗୌରବ ସୀତାନାଥ' ଉନ୍ମୋଚିତ

**ନୀଳଗିରି, ୧୭।୧ (ସମିସ):** ନୀଳଗିରି ଉପଖଣ୍ଡ ସନ୍ତରାଗଡିଆ ଅଞ୍ଚଳର ବିଶିଷ୍ଟ ଶିକ୍ଷାବିତ୍ ତଥା ନୀଳଗିରି, ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ପ୍ରଥମ ଅଧ୍ୟକ୍ଷ ଏବଂ ଜଳେଶ୍ୱର ଦୀନକୃଷ୍ଣ କଲେଜର ଓଡ଼ିଆ ବିଭାଗର ରିଡର୍ ଗତ ଜାନୁଆରୀ ୩ତାରିଖ ୯୦ବର୍ଷ ବୟସରେ ଇହଲୀଳା ସମ୍ବରଣ କରିଛନ୍ତି। ତାଙ୍କ ପ୍ରଚେଷ୍ଟାରେ ନୀଳଗିରି ଏବଂ ସନ୍ତରାଗଡିଆ ସ୍ଥିତ ବାବା ପଞ୍ଚଲିଙ୍ଗେଶ୍ୱର କଲେଜର ସର୍ବବିଧ ଉନ୍ନତି ହୋଇଥିଲା। ତାଙ୍କ ଏକଦଶାହରେ ସନ୍ତରାଗଡିଆ ସ୍ଥିତ ବାସଭବନରେ ଓଡ଼ିଶାର ଲବ୍ଧପ୍ରତିଷ୍ଠ ବ୍ୟକ୍ତିତ୍ୱଙ୍କ ସମାଗମ ହୋଇଥିବା ବେଳେ ସ୍ୱର୍ଗତ ପାଣିଗ୍ରାହୀଙ୍କ ସ୍ମୃତିରେ ଏକ ସ୍ମରଣିକା ଉନ୍ମୋଚନ ହୋଇଥିଲା। ସୀତାନାଥଙ୍କ ମାନସସନ୍ତାନ ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତତିନି ତରଫରୁ "ଗୁରୁ ଗୌରବ ସୀତାନାଥ' ନାମକ ସ୍ମରଣିକା ବହୁ ବିଶିଷ୍ଟବ୍ୟକ୍ତିଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି। ସ୍ମରଣିକା ଉନ୍ମୋଚନ ଉତ୍ସବରେ ପ୍ରଫେସର ବିପିନବିହାରୀ ବିଶ୍ୱାଳ, ଦୀନକୃଷ୍ଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ଶ୍ରୀକାନ୍ତ ଚରଣ ପାତ୍ର, ପ୍ରଫେସର ଅନାଦିଚରଣ ଗାହାଣ, ପ୍ରାଧ୍ୟାପକ ରାଖାଲ ଚନ୍ଦ୍ର ଘଡେଇ, ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ବାଲେଶ୍ୱର ସଂସଦୀୟ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତସିଂହାର, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ କାଳିପଦ ପଣ୍ଡା, ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ବିଶିଷ୍ଟ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦବିହାରୀ ପଣ୍ଡା, ଜିଲ୍ଲାପରିଷଦ ସଦସ୍ୟା ଉଷାରାଣୀ ରାଉଳ, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ବଡପୁଅ ଡ. ଅକ୍ଷୟ ପାଣିଗ୍ରାହୀ, ଅମିୟ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।



## ସେଣ୍ଟ୍ ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲରେ ଆନ୍ତଃଶ୍ରେଣୀ ବିଜ୍ଞାନ ପ୍ରଦର୍ଶନୀ




**ଜଳେଶ୍ୱର, ୧୭ ।୧ (ସମିସ):** ଜଳେଶ୍ୱର ଷ୍ଟେସନ ବଜାର ମିଲବାଡି ସ୍ଥିତ ସେଣ୍ଟ ଜାଭିୟାର ଇଣ୍ଟରନ୍ୟାସନାଲ ଇଂରାଜୀ ମିଡିୟମ ସ୍କୁଲରେ ଆନ୍ତଃ ଶ୍ରେଣୀ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ବରୁଣ ଜେନା ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ତଥା ବିଚାରକ ଭାବେ ଜଳେଶ୍ୱର ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ସଂଗ୍ରାମ ପଟ୍ଟନାୟକ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶିଖରପୁର ବିଜ୍ଞାନ ଶିକ୍ଷୟିତ୍ରୀ ଦେବୀଦତା ବାରିକ, ଭଣ୍ଡାରପୋଲି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବଂଶୀଧର ବାରିକ, ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟାପକ ତପନ କୁମାର ଜେନା, ସ୍ୱସ୍ତି ସ୍ୱାଗତୀକା ହୁଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଭା ପ୍ରାରମ୍ଭରେ ଶିକ୍ଷୟିତ୍ରୀ ନମୀତା ମହାନ୍ତି ଅତିଥି ମାନଙ୍କୁ ମଂଚ ଆହ୍ୱାନ କରିଥିବା ବେଳେ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ବିରେନ କୁମାର ପାତ୍ର ଏହି ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟର ସିଇଓ ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ପ୍ରେରଣା ବାର୍ତ୍ତା ପ୍ରଦାନ କରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶୈଳେନ ଦେବନାଥ, ନମୀତା ମହାନ୍ତି ଏବଂ ସତ୍ୟବ୍ରତ ଦେ ପ୍ରମୁଖ ପରିଚାଳନା କରିଥିଲେ।

## ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିଲେ ଜିଲ୍ଲା ବିଚାରପତି



**ଖଇରା,୧୭ ।୧ (ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲ ଖୋଲିବା ନେଇ ଘୋଷଣାର ଦେଢ ବର୍ଷ ଅତିକ୍ରାନ୍ତ ହୋଇଯାଇଥିବା ବେଳେ ବ୍ଲକ ପରିସରରେ ଥିବା ରାଜୀବଗାନ୍ଧୀ ସେବା କେନ୍ଦ୍ର ପରିସରରେ ଅସ୍ଥାୟୀ କୋର୍ଟ ଖୋଲିବା ନେଇ ପ୍ରସ୍ତୁତି କଚ୍ଛପ ଗତିରେ ଚାଲିଥିବାରୁ ସାଧାରଣ ଲୋକଙ୍କ ଭରସା କମିବାରେ ଲାଗିଛି। ଏଭଳି ପରିସ୍ଥିତିରେ ଶନିବାର ଜିଲା ବିଚାରପତି ସତ୍ୟନାରାୟଣ ମିଶ୍ର ଅସ୍ଥାୟୀ କୋର୍ଟ ପରିସର ବୁଲି ଦେଖିବା ସହ କାର୍ଯ୍ୟର ଅଗ୍ରଗତି ନେଇ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଉପସ୍ଥିତିରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ହାଜତ ପାଇଁ ଉଦ୍ଦିଷ୍ଟ ଘରର ସିଲ ଖୋଲିବା ଦିଗରେ ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂ ସହ ଆଲୋଚନା କରିଥିବାବେଳେ ଫେବୃଆରୀ୧୫ତାରିଖ ସୁଦ୍ଧା କୋର୍ଟ କାର୍ଯ୍ୟାଳୟ, ଶୌଚାଳୟ ନିର୍ମାଣ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ କାର୍ଯ୍ୟ ସାରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ ସାହୁ,ବିଡିଓ ନାରାୟଣ ସାହୁଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରେ ନୟାଖଣ୍ଡି ମୌଜାରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କୋର୍ଟ ପାଇ ଉଦ୍ଦିଷ୍ଟ ଯାଗା ପରିଦର୍ଶନ କରିଥିଲେ। ରେଜିଷ୍ଟ୍ରାର ଶଶିକାନ୍ତ ପ୍ରଧାନ, କୋର୍ଟ ପରିଚାଳକ ପ୍ରିୟଙ୍କା ମିଶ୍ର,ସରକାରୀ ଓକିଲ ଲମ୍ବୋଦର ନାୟକ,ଆଇନଜିବୀ ପ୍ରମୋଦ ଦାସ, ନିରଞ୍ଜନ ବେହେରା, ଲିଙ୍ଗରାଜ ମହାନ୍ତି, ତହସିଲଦାର ଅମିତ ରଞ୍ଜନ ହୋତା, ବରିଷ୍ଠ ନାଗରିକ ମଞ୍ଚର ସଭାପତି ଶରତ କୁମାର ବିଶ୍ୱାଳ ଓ ସମ୍ପାଦକ ମୁକ୍ତିକାନ୍ତ ଶତପଥି,ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଙ୍କ ସମେତ କୋର୍ଟ ପାଇଁ ଦିର୍ଘଦିନ ଧରି ଦାବି କରି ଆସୁଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ।

**● ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

## ପ୍ଲାଟିନମ୍ ଜୁବୁଲି ଉତ୍ସବର ଦ୍ୱିତୀୟ ଦିବସ




**ଜଳେଶ୍ୱର, ୧୭।୧ (ସମିସ):** ଜଳେଶ୍ୱର ପୌରାଂଚଳ ଅନ୍ତର୍ଗତ ଶାନ୍ତିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ୩ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ପ୍ଲାଟିନମ ଜୁବୁଲିର ଦ୍ୱିତୀୟ ଦିବସରେ ଆୟୋଜିତ ସାଂସ୍କୃତିକ ସଭାରେ ପୁରାତନ ଛାତ୍ର ତଥା ଅବସରପ୍ରାପ୍ତ ଅଧ୍ୟକ୍ଷ ଲଳିତ ରଂଜନ ସେନାପତି ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସାମ୍ବାଦିକ ଚିତ୍ତରଂଜନ ଚିରଂଜିତ, ମୁଖ୍ୟ ବକ୍ତା ଭାବେ ଡ. ରବିନ୍ଦ୍ର କୁମାର ବିହାରୀ ଯୋଗଦେଇ ଜୁବଲୀ ପାଳନର ଆବଶ୍ୟକତା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ, ଅବସରପ୍ରାପ୍ତ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଗିରି, ମଧୁସୂଦନ ବ୍ରହ୍ମ, ରମାକାନ୍ତ ଜେନା, ନିତ୍ୟାନନ୍ଦ ଦାସ, ଜଗନ୍ନାଥ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ବିଦ୍ୟାଳୟର ଶିକ୍ଷକ ଦିଲ୍ଲୀପ କୁମାର ସେଠୀ ଅତିଥି ମାନଙ୍କୁ ମଂଚ ଆହ୍ୱାନ ଓ ପରିଚୟ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ସଂଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ଶ୍ରମ କୋଡ୍ ପ୍ରତ୍ୟାହାର ଦାବିରେ କନ୍‌ଭେନ୍‌ସନ୍




**ସୋର,୧୭।୧ (ସମିସ):** ୧୦ଟି ସର୍ବ ଭାରତୀୟ ଶ୍ରମିକ ସଂଗଠନ ତଥା ସ୍ୱାଧୀନ ଫେଡେରେସନ ମାନଙ୍କ ମିଳିତ କନଭେନସନ ରେଡ଼କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାର ଶ୍ରମ ଆଇନ ସଂସ୍କାର ଆଳରେ,୧୯୪୮ ମସିହାରୁ ଶ୍ରମିକ ମାନଙ୍କ ସ୍ୱାର୍ଥ ପାଇଁ ତିଆରି ହୋଇଥିବା ୪୪ ଗୋଟି ଶ୍ରମ ଆଇନକୁ ରଦ୍ଦ କରି ମାଲିକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ଚାରିଗୋଟି ନୂତନ ଶ୍ରମ କୋଡ଼ ସୃଷ୍ଟି କରି, ଶ୍ରମିକ ମାନଙ୍କୁ ଗୋଟିଶ୍ରମିକ ଭାବେ ଶୋଷଣ କରିବାକୁ ବିଲ ଆଣିଛନ୍ତି। ଅନ୍ୟ ପକ୍ଷରେ ମହାତ୍ମା ଗାନ୍ଧିଙ୍କ ନାମରେ ନାମିତ ମନରେଗା ଆଇନକୁ ବାତିଲ କରି, ଭି. ବି. ଜି. ରାମ.ଜୀ ଆଇନ ଏବଂ ଶାନ୍ତି ବିଲ ୨୦୨୫ ଯାହା ସମ୍ପୂର୍ଣ୍ଣ ଜନବିରୋଧୀ ଆଇନ ତଥା ଶ୍ରମିକ ମାନଙ୍କ କଣ୍ଠରୋଧ କରିବା ପାଇଁ ପୁଞ୍ଜିପତି ମାନଙ୍କ ସ୍ୱାର୍ଥର ହିତ ପାଇଁ ସୃଷ୍ଟି କରିଛନ୍ତି।ଯଦି ଏହି ଜନ ବିରୋଧୀ ଆଇନ ପ୍ରତ୍ୟାହାର ନକରନ୍ତି ତେବେ, ଆସନ୍ତା ଫେବୃୟାରୀ ୧୨ ତାରିଖ ୨୦୨୬ ରିଖ ଦିନ ଦେଶର ବିଭିନ୍ନ ବର୍ଗର ଶ୍ରମିକ କର୍ମଚାରୀ, ସ୍କିମ ୱାର୍କର,କୃଷକ, ବ୍ୟାଙ୍କ, ବୀମା ତଥା ସମସ୍ତ ରାଜନୈତିକ ଦଳ ମାନେ ଏହି ଧର୍ମଘଟରେ ସାମିଲ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି କନଭେନସନରେ ଆଇ.ଏନ. ଟି. ୟୁ.ସି.ର ରାଜ୍ୟ ସଭାପତି ଡକ୍ଟର ରାମଚନ୍ଦ୍ର ଖୁଣ୍ଟିଆ, ସି ଆଇ ଟି ୟୁ ର ଜନାର୍ଦ୍ଦନ ପତି, ସିପିଆଇର ପୂର୍ବତନ ବିଧାୟକ ନାରାୟଣ ରେଡି, ଏ. ଆଇ. ଟି. ୟୁ. ସି.ର ସମ୍ପାଦକ ମାୟାଧର ନାୟକ, ଏଚ ଏମ ଏସ ର ପୂର୍ବତନ ସଂସଦ ବ୍ରଜକିଶୋର ତ୍ରିପାଠୀ, କୃଷକ ସଭାର ସମ୍ପାଦକ କ୍ଷୀରୋଦ ସଂଦେଓ ପ୍ରଭୃତି ବକ୍ତବ୍ୟ ରଖିଥିବା ବେଳେ, ମହେନ୍ଦ୍ର ପରିଡା, ଗୌରାଙ୍ଗ ପାଣିଗ୍ରାହୀ, କିଶୋର ଜେନା ପ୍ରଭୃତିଙ୍କୁ ନେଇ ଗଠିତ ସଭାପତି ମଣ୍ଡଳୀ ସଭା ପରିଚାଳନା କରିଥିଲେ। ବିଷ୍ଣୁ ପ୍ରସାଦ ମହାନ୍ତି ଭିତ୍ତିପତ୍ର ଉପସ୍ଥାପନ କରିଥିବା ବେଳେ, କିଶୋର ଜେନା ଧନ୍ୟବାଦ ପ୍ରଦାନ କରିଥିଲେ।

## ଅସହାୟଙ୍କୁ କମ୍ବଳ ବଣ୍ଟନ

**ଲଙ୍ଗଳେଶ୍ୱର, ୧୭।୧ (ସମିସ) :** ପ୍ରବଳ ଶୀତରେ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଶୀତ ଦାଉରୁ ସୁରକ୍ଷା ଦେବା ପାଇଁ ସମାଜସେବୀ ସୂର୍ଯ୍ୟ ନାରାୟଣ ସାହୁ ବାଲିଆପାଳ ବ୍ଲକ ଅନ୍ତର୍ଗତ ଛଡା ଗ୍ରାମରେଥିବା ଶ୍ରଦ୍ଧା ବୃଦ୍ଧାଶ୍ରମ, ଲଙ୍ଗଳେଶ୍ୱର ସ୍ଥିତ ନାଲ ବଜାର ଏବଂ ରାଇପୁର ଗ୍ରାମର ଶତାଧିକ ଗରିବ ଏବଂ ଅସହାୟ ଲୋକ ମାନଙ୍କୁ କମ୍ବଳ ବଣ୍ଟନ କରିଛନ୍ତି।

## ମା' ମଙ୍ଗଳା କ୍ଲବ ପକ୍ଷରୁ କ୍ୟାରମ ପ୍ରତିଯୋଗିତା

**ଜଳେଶ୍ୱର,୧୭।୧(ସମିସ):** ଜଳେଶ୍ୱର ସହର ସ୍ଥିତ ୱାର୍ଡ ନଂ ୬ ମଙ୍ଗଳା ମନ୍ଦିର ପରିସରରେ ମା' ମଙ୍ଗଳା କ୍ଲବ ପକ୍ଷରୁ କ୍ୟାରମ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ବାପି କର୍ମକାରଙ୍କ ସ୍ମୃତିରେ କ୍ଲବର ସଦସ୍ୟଙ୍କ ଦ୍ୱାରା ଏହି କ୍ୟାରମ ପ୍ରତିଯୋଗିତା ଆୟୋଜନ କରାଯାଇଛି।ଏହି ପ୍ରତିଯୋଗିତାକୁ ସମାଜସେବୀ ଦୁର୍ଯ୍ୟୋଧନ ପାଣିଗ୍ରାହୀ ଉଦଘାଟନ କରିଥିବା ବେଳେ ଅତିଥି ଭାବେ ଗ୍ରାମ୍ୟ ମୁଖ୍ୟ ଅନନ୍ତ ଦାସ, ଭବାନୀ କିଙ୍କର ପାତ୍ର, ଅକ୍ଷୟ ଜେନା, ଅନୀଲ ସାହୁ, ଚନ୍ଦ୍ରକାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ଜେନା ଉପସ୍ଥିତ ଥିଲେ। କ୍ୟାରମ ଖେଳ ଦୁଇଦିନ ଧରି ହେବା ସହିତ ୪୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଖେଳକୁ କ୍ଲବର ସଭାପତି ସନ୍ୟାସୀ ପରିଡ଼ା, ସମ୍ପାଦକ ସୁଚିବ୍ରତ ଦାସ, ସଦସ୍ୟ ସଂଜୀବ ପାତ୍ର, ହର ନାରାୟଣ ଜେନା, ଅରବିନ୍ଦ ଜେନା, ସପନ ମହାନ୍ତି, ଦିଲ୍ଲୀପ ସାହୁ, ସୁକୁମାର କରଣ ପ୍ରମୁଖ ସହଯୋଗ କରିଥିଲେ।

## ବ୍ୟାସକବି ଜୟନ୍ତୀ ପାଳିତ



**ଖଇରା,୧୭ ।୧ (ସମିସ):** ବାଲେଶ୍ୱର ଜିଲା ଖଇରା ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଖଇରା ବ୍ଲକ ପରିସରରେ ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ ପାଳିତ ହୋଇ ଯାଇଛି। ପ୍ରଥମେ ବ୍ଲକ ପରିସରରେ ଥିବା ଫକୀର ମୋହନଙ୍କ ପ୍ରତିମୂର୍ତ୍ତିରେ ବିଡିଓ ନାରାୟଣ ସାହୁ ତଥା ଅନ୍ୟ ସଦସ୍ୟ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ବ୍ଲକ ସଭାଗୃହରେ ଅନ୍ତର୍ଯାମୀ ପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ସ୍ମୃତିଚାରଣ ସଭାରେ ସମ୍ପାଦକ ମୁକ୍ତିକାନ୍ତ ଶତପଥି, କୋଷାଧ୍ୟକ୍ଷ ଅନାମ ଚରଣ ପଣ୍ଡା, ସଭ୍ୟ ଅଭିରାମ ମହାପାତ୍ର, ଜଗତାନନ୍ଦ ମହାପାତ୍ର, ବୁଦ୍ଧିରାମ ପାଣିଗ୍ରାହୀ, ରମାକାନ୍ତ ଶତପଥି, ଚିନ୍ତାମଣି ସାହାଣୀ ଓ ବସନ୍ତ ଖିଲାର ପ୍ରମୁଖ ଯୋଗ ଦେଇ ଫକୀର ମୋହନଙ୍କ ପାଇଁ ବାଲେଶ୍ୱର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ପ୍ରକାଶ କରିଥିଲେ।

**ବାଲିକୁଟି ଗ୍ରାମରେ 'ଶିଶୁ ସଂସ୍କାର ଶାଳା'**

# ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାରେ ଗଢୁଛି ପିଲାଙ୍କ ଭବିଷ୍ୟତ

**ବାଲିଆପାଳ, ୧୭।୧ (ସମିସ)**



ଏହି ବ୍ଲକ ଅନ୍ତର୍ଗତ ବାଲିକୁଟି ପଞ୍ଚାୟତର ବାଲିକୁଟି ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ 'ଶିଶୁ ସଂସ୍କାର ଶାଳା' ନାମକ ଏକ ଅନନ୍ୟ ସଂସ୍କାରମୂଳକ ଅନୁଷ୍ଠାନ ଗଢ଼ି ଉଠିଛି। ଏହି ଅନୁଷ୍ଠାନ ଗ୍ରାମର ଜଣେ ଶିକ୍ଷିତ ମହିଳା ବିଜୟଲକ୍ଷ୍ମୀ ଭୂୟାଁ ଏବଂ ଶିକ୍ଷିତ ଯୁବକ ଚନ୍ଦନ ସେଠୀଙ୍କ ମିଳିତ ପ୍ରୟାସର ଆରମ୍ଭ ହୋଇଛି। ଗ୍ରାମର କୁନି କୁନି ପୁଅ ଓ ଝିଅ ମାନଙ୍କୁ ଆଧ୍ୟାତ୍ମିକ, ନୈତିକ ଓ ସଂସ୍କାର ମୂଳକ ଶିକ୍ଷା ଦେବା ଏହି ଅନୁଷ୍ଠାନର ମୂଳ ଲକ୍ଷ୍ୟ। ପ୍ରତି ରବିବାର ସ୍ୱେଚ୍ଛାକୃତ ଭାବରେ ବହୁ ସମାଜପ୍ରେମୀ ଶିକ୍ଷକ ଏଠାରେ ଯୋଗଦେଇ ମାଗଣାରେ ପିଲାମାନଙ୍କୁ ଶିକ୍ଷାଦାନ କରୁଛନ୍ତି। ଭାରତୀୟ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ରାମାୟଣ, ମହାଭାରତ, ଭାଗବତ, ଚାଣକ୍ୟନୀତି ପରି ମହାନ ଗ୍ରନ୍ଥର ଆଲୋଚନା ସହିତ ଗଳ୍ପ, କାହାଣୀ, ନାଚ, ଗୀତ ଓ ଚିତ୍ରକଳା ମାଧ୍ୟମରେ ପିଲାମାନଙ୍କର ଚରିତ୍ର ଗଠନ ଓ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି। ଗ୍ରାମବାସୀମାନେ ଏହି ଅନୁଷ୍ଠାନର ଶିକ୍ଷାଦାନ ପ୍ରଣାଳୀକୁ ପ୍ରଶଂସା କରିବା ସହ ନିଜ ନିଜ ପିଲାମାନଙ୍କୁ ଏଠାରେ ଯୋଗଦେବା ପାଇଁ ଉତ୍ସାହିତ କରୁଛନ୍ତି। ଶ୍ରୀମତୀ ଭୂୟାଁ ଓ ଶ୍ରୀ ସେଠୀ ନିରନ୍ତର ଭାବେ ଏହି ଅନୁଷ୍ଠାନର ଉନ୍ନତି ଓ ବିସ୍ତାର ପାଇଁ ପ୍ରୟାସ ଜାରି ରଖିଛନ୍ତି। ବାଲିକୁଟି ଗ୍ରାମର ଏହି ଶିକ୍ଷିତ ମହିଳା ଓ ଯୁବକଙ୍କ ସାମାଜିକ ପ୍ରୟାସକୁ ବୁଦ୍ଧିଜୀବୀ ମହଲ ଉଚ୍ଚ ପ୍ରଶଂସା କରିବା ସହିତ 'ଶିଶୁ ସଂସ୍କାର ଶାଳା'ର ଅଧିକ ବିକାଶ ନିମନ୍ତେ ସରକାର ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି।

## ମଞ୍ଚ କଳାକାର ପବିତ୍ର ରବୀନ୍ଦ୍ର ମଣ୍ଡପରେ ପୁରସ୍କୃତ



ଚମ୍ପୁଆ,୧୭।୧(ସମିସ): ଚମ୍ପୁଆ ମାଟିକୁ ଗର୍ବ ଆଉ ଗୌରବ ଆଣିଲେ ମଞ୍ଚ କଳାକାର ପବିତ୍ର। ଭୁବନେଶ୍ୱର, ଚନ୍ଦ୍ରଶେଖରପୁରସ୍ଥିତ ସାଂସ୍କୃତିକ ଅନୁଷ୍ଠାନ ଅରଣ୍ୟରଞ୍ଜନର ୨୪ତମ ବାର୍ଷିକ ଉତ୍ସବ ଉପଲକ୍ଷେ ତାଙ୍କୁ ରବିନ୍ଦ୍ର ମଣ୍ଡପଠାରେ ଆୟୋଜିତ ନାଟକ "ତଥାପି ତମସା' ପାଇଁ ପୁରସ୍କୃତ କରାଯାଇଛି। ଏହି ନାଟକରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ୍ ଏଚ୍‌ଡିଙ୍କ ନିର୍ଦ୍ଦେଶକ୍ରମେ ମଞ୍ଚ କଳାକାର ଭାବେ ପରିଚିତ ପବିତ୍ର କୁମାର ନାୟକ (ପପୁ) ରବିନ୍ଦ୍ର ଅଭିନୟ କରିବାର ସୁଯୋଗ ପାଇଥିଲେ। କାର୍ଯ୍ୟକ୍ରମରେ ପ୍ରତିଥି ଏକାମ୍ର ବିଧାୟକ ବାବୁ ସିଂ, କାଦମ୍ବିନୀର ସମ୍ପାଦିକା ଡ଼ଃ ଇତି ସାମନ୍ତ, ଅନୁଷ୍ଠାନର ସଭାପତି ତଥା ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଭାତ ମହାନ୍ତି, ଉପସଭାପତି ଭୁବନ ବିହାରୀ ମହାପାତ୍ର, ସମ୍ପାଦକ ମହେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚସ୍ଥ ନାଟକରେ ପବିତ୍ରଙ୍କ ନିଖୁଣ ଅଭିନୟ ପାଇଁ ତାଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି। ଏହି ଅବସରରେ ଚମ୍ପୁଆ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସଭାପତି ତଥା ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ସମ୍ପାଦକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭକ୍ତବନ୍ଧୁ ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ପ୍ରକାଶଚନ୍ଦ୍ର କୃଷ୍ଣ, ଶିଶୁ ବିଦ୍ୟା ମନ୍ଦିରର ଅବସରପ୍ରାପ୍ତ ପ୍ରଧାନ ଆଚାର୍ଯ୍ୟ ଧରଣୀ ଦାସ, କେନ୍ଦୁଝର ନାଟ୍ୟ ନିର୍ଦ୍ଦେଶକ ରାଜେନ୍ଦ୍ର ଦେଓ, ଉତ୍ତର ଅଞ୍ଚଳର ନାଟ୍ୟ ନିର୍ଦ୍ଦେଶକ ଶ୍ରୀକାନ୍ତ ମହାରଣା ଶୁଭେଚ୍ଛା ଜଣାଇଛନ୍ତି। ସେହିପରି କେନ୍ଦୁଝର ବନବିଭାଗର ସମସ୍ତ କାର୍ଯ୍ୟକର୍ତ୍ତା ତଥା ଚମ୍ପୁଆ ଅଞ୍ଚଳବାସୀଙ୍କ ଭିତରେ ତାଙ୍କର ଏହି ପାରଦର୍ଶିତା ପାଇଁ ଖୁସିର ଲହରୀ ଖେଳିଯାଇଛି।

## ଗାଡ଼ି ଧକ୍କାରେ ଜଣେ ମୃତ, ୩ ଆହତ

ଚମ୍ପୁଆ,୧୭।୧(ସମିସ): ଚମ୍ପୁଆ ବାସୁଦେବପୁର ରାସ୍ତାରେ ଘଟିଯାଇଛି ଏକ ଦୁର୍ଘଟଣା। ଅଜଣା ଗାଡ଼ି ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଯାଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଓ ଦୁଇ ଜଣ ସାମାନ୍ୟ ଆହତ ହୋଇ ଚମ୍ପୁଆ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଆହତଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସୂଚନା ଅନୁସାରେ, ସନ୍ଧ୍ୟା ୬ଟା ସମୟରେ ଜଡ଼ିପଦା ଗ୍ରାମର ସୁଜିତ ମହାନ୍ତ, ଯଶୋବନ୍ତ ମହାନ୍ତ, ଯୁଧିଷ୍ଠିର ମହାନ୍ତ ଓ ଅନିଲ ମହାନ୍ତ ନିଜ ଗ୍ରାମରୁ ନିକଟସ୍ଥ ବସାଯାଦି ଛକକୁ କୌଣସି ଜିନିଷ ନେବାକୁ ସାଇକେଲ ଚାଲିଚାଲି ଆସୁଥିଲେ। ଏତିକିବେଳେ ବାସୁଦେବପୁର ଦିଗରୁ ଦ୍ରୁତଗତିରେ ଆସୁଥିବା ଏକ ୪ ଚକିଆ ଯାନ ତାଙ୍କୁ ପଛ ଆଡ଼ୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ସାଙ୍ଗ ମଧ୍ୟରୁ ୩ଜଣ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ସ୍ଥାନୀୟ ଲୋକ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଯୁଧିଷ୍ଠିରଙ୍କୁ ମୃତ ଘୋଷଣା କରିଥିବାବେଳେ ସଂକଟାପନ୍ନ ଥିବା ଯଶୋବନ୍ତଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି।

## ପଞ୍ଚୁପଲ୍ଲୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ



ଆନନ୍ଦପୁର,୧୭।୧(ସମିସ): ଆନନ୍ଦପୁର ବ୍ଲକ ପଞ୍ଚୁପଲ୍ଲୀ ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଦେବକାଣୀ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବକୁ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ଦେବାଶୀଷ ପଣ୍ଡା ପରିଚାଳନା କରିଥିଲେ। ଛାତ୍ରଛାତ୍ରୀ ଏବଂ ଶିକ୍ଷକଶିକ୍ଷୟିତ୍ରୀ ଗ୍ରାମର ମା'ତାରିଣୀ ମନ୍ଦିର ପ୍ରାଙ୍ଗଣରୁ ମଶାଲ ଶୋଭାଯାତ୍ରାରେ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଛାତ୍ରଛାତ୍ରୀମାନେ ରଙ୍ଗୋଲି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜ୍ଜୁନ ଚରଣ ବେହେରା, ସମ୍ମାନିତ ଅତିଥି ଭାବେ ବିନୋଦ କୁମାର ପହି, ଗୌରାଙ୍ଗ ଚରଣ ଦାସ, କାଳନ୍ଦୀ ମୁର୍ମୁ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ଜେନା, ମହେଶ୍ୱର ଜେନା, ଅନିତା ଦାସ ଯୋଗ ଦେଇଥିଲେ। ଉତ୍ସବରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ କର୍ମଚାରୀ ନିହାର ରଞ୍ଜନ ଚକ୍ର, ରାମେଶ ସାଇଁ, କାଠିଆ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ନୂଆ ଆନନ୍ଦପୁର ଏସ୍‌ଡିପିଓଙ୍କ ଯୋଗଦାନ



ଆନନ୍ଦପୁର, ୧୭।୧ (ସମିସ): ଆନନ୍ଦପୁରରେ ନୂଆ ପୁଲିସ ଏସଡିପିଓ ଭାବେ କମଳ କୁମାର ପଣ୍ଡା କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବରୁ ଥିବା ପ୍ରଶାନ୍ତ କୁମାର ବେହେରା କେନ୍ଦୁଝରକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ଶ୍ରୀ ପଣ୍ଡା ଯୋଗ ଦେଇଛନ୍ତି। ସେ କଳାହାଣ୍ଡିରୁ ବଦଳି ହୋଇ ଆସିବା ପରେ କେନ୍ଦୁଝର ଏସପିଙ୍କୁ ସାକ୍ଷାତ କରି ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡ଼ିଛି।

● ହାତୀ ଘୋଡ଼ାଇବାରେ ବନ ବିଭାଗ ବିଫଳ

## ଆଶ୍ରା ହରାଇଲେ ଅସହାୟ ବୃଦ୍ଧ ଲସ ମୁର୍ମୁ



ରାସଗୋବିନ୍ଦପୁର, ୧୭।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନାକିଚୁଆ ପଞ୍ଚାୟତ ତଥା ଆଖପାଖ ଅଞ୍ଚଳରେ ହାତୀ ଆତଙ୍କ ବଢ଼ି ଚାଲିଛି। ତେବେ ବନ ବିଭାଗ ସଠିକ୍ ସମୟରେ ପହଞ୍ଚି ନ ପାରିବାରୁ ଲୋକେ କ୍ଷତିଗ୍ରସ୍ତ ହେଉଛନ୍ତି। ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ନାକିଚୁଆ ଗାଁରେ ପୁରୁଷୋତ୍ତମ ଦେଙ୍କ ଘରର ଭାଙ୍ଗି ଧାନ ଖାଉଥିବାବେଳେ ଅସହାୟ ବୃଦ୍ଧ ଲସ ମୁର୍ମୁଙ୍କ ଘର ଭାଙ୍ଗିଦେଇଛି ହାତୀ। ଗାଁ ଦାଣ୍ଡରେ ମାଗି ଯାଚି ଖାଉଥିବା ଲସ ରାତିରେ ବିଶ୍ରାମ ନେଲାବେଳେ ଜଙ୍ଗଲ ପଟୁ ହାତୀ ଆସି ଘରକୁ ଭାଙ୍ଗି ଦେଇଛି। ସୌଭାଗ୍ୟବଶତଃ ଲସ ବଞ୍ଚି ଯାଇଛନ୍ତି ସିନା ହେଲେ ଶୀତ କାକରରେ ରାତି କାଟିବା କଷ୍ଟକର ହୋଇପଡ଼ୁଛି। ତେବେ ଏ ଅଞ୍ଚଳରେ ହାତୀ ପ୍ରତିଦିନ ଉପଦ୍ରବ କରୁଥିବାବେଳେ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ ବିଭାଗର ଶତ ଚେଷ୍ଟା ସତ୍ତ୍ୱେ ହାତୀ ଘୋଡାଇବାରେ ବିଫଳ ବୋଲି ଲୋକେ କହିଛନ୍ତି। ୩ଟି ଦନ୍ତିଆ ହାତୀ ପଲ ନାକିଚୁଆ ଜଙ୍ଗଲରେ ରହି ଆଖପାଖ ଅଞ୍ଚଳରେ କ୍ଷୟକ୍ଷତି କରୁଛନ୍ତି। ହାତୀ ଉପଦ୍ରବର ଉପଯୁକ୍ତ କ୍ଷତିପୂରଣ ସହ ସ୍ଥାୟୀ ସମାଧାନ ପାଇଁ ଦାବି ହେଉଛି।

# କଣ୍ଟାମାରୀ ଗ୍ରାମରେ ପାନୀୟଜଳ ସମସ୍ୟା ଗୁରୁତର

ଶରତ,୧୭।୧(ସମିସ):



କପ୍ତିପଦା ବ୍ଲକ ଅନ୍ତର୍ଗତ କଳମଗଡିଆ ପଞ୍ଚାୟତ ଅଧୀନ ବାଲିଚୁଆ ରାଜସ୍ୱ ଗ୍ରାମରେ ଅବସ୍ଥିତ କଣ୍ଟାମାରୀ ଗ୍ରାମ। ଏହି ଗ୍ରାମରେ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଜନଜାତି ପରିବାର ବସବାସ କରୁଥିବାବେଳେ ସେମାନେ ଅତ୍ୟନ୍ତ ଦୟନୀୟ ଭାବେ ଗ୍ରାମରେ ଥିବା ଚୁଆରୁ ପାଣି ସଂଗ୍ରହ କରୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ଗ୍ରାମରେ ସ୍ଥାପନ ହୋଇପାରି ନାହିଁ ଗୋଟିଏ ହେଲେ ନଳକୂପ। ଫଳରେ ଏହି ଗ୍ରାମର ଲୋକେ ପାନୀୟଜଳ ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ କରାଯିବାକୁ ଦାବି ହେଉଛି।

ଉପାନ୍ତ ଅଞ୍ଚଳର ଏହି କଣ୍ଟାମାରୀ ଗ୍ରାମ ମୟୂରଭଞ୍ଜ ଜିଲ୍ଲାର କପ୍ତିପଦା ବ୍ଲକ କଳମଗଡିଆ ପଞ୍ଚାୟତ ସୀମାନ୍ତବର୍ତ୍ତୀ ଓ ବାଲେଶ୍ୱର ଜିଲ୍ଲାର ଔପଦା ବ୍ଲକର ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଅବସ୍ଥିତ ଥିବାରୁ ଏହି ଗ୍ରାମକୁ କେବେ ମଧ୍ୟ ପ୍ରଶାସନିକ ଅଧିକାରୀଙ୍କ ପାଦ ପଡେନାହିଁ। ଗ୍ରାମରେ ଗମନାଗମନ ନିମନ୍ତେ ରାସ୍ତା ଘାଟର ମଧ୍ୟ ଅନେକ ସମସ୍ୟା ରହିଛି। ଏହି ଗ୍ରାମରେ ଆଜି ପର୍ଯ୍ୟନ୍ତ ମନରେଗା ଯୋଜନାରେ କୌଣସି ଗୋଟିଏ ହେଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ନ ଥିବାବେଳେ ଏଠିକାର ପାରମ୍ପରିକ ଅଧିବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ବଳରେ ଜମି ପଟ୍ଟା ପ୍ରଦାନ କରାଯାଇ ନ ଥିବା ମଧ୍ୟ ଅଭିଯୋଗ ହୁଏ। ଏଠିକାର ଆଦିମ ଅଧିବାସୀ ଆଜି ପର୍ଯ୍ୟନ୍ତ ସରକାରଙ୍କ ଅନେକ ଜନକଲ୍ୟାଣ ଯୋଜନାଠାରୁ ବହୁ ଦୂରରେ ରହିଛନ୍ତି।

କଣ୍ଟାମାରୀ ଗ୍ରାମଠାରୁ ୪ କିମି ଦୂରତାରେ କାଠଚୁଆ ଗ୍ରାମ ରହିଛି। ଏହି ଗ୍ରାମରେ ଏକ ପ୍ରାଥମିକ ବିଦ୍ୟାଳୟ ରହିଥିବାବେଳେ ଏକ ଅଙ୍ଗନୱାଡି କେନ୍ଦ୍ର ମଧ୍ୟ ରହିଛି। ବିଦ୍ୟାଳୟ ପରିସରରେ ଏକ ନଳକୂପ ଖୋଳାଯାଇଥିଲେ ମଧ୍ୟ ମରାମତି ଅଭାବରୁ ସେଥିରୁ ପାଣି ବାହାରି ନ ଥିବା ଗ୍ରାମର ପାର୍ବତୀ ମୁଣ୍ଡୁରୀ, ଦଶମା ଅମଙ୍ଗ, ନାରଣ ହୋ, ଜଗତା ପୂର୍ତ୍ତି ପ୍ରମୁଖ 'ସକାଳ'କୁ ଜଣାଇଛନ୍ତି। ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ରର ବ୍ୟବହାର ପାଇଁ ମଧ୍ୟ ବିଦ୍ୟାଳୟ କର୍ତ୍ତୃପକ୍ଷ ଚୁଆ ପାଣି ସଂଗ୍ରହ କରୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉକ୍ତ ଅଞ୍ଚଳରେ ପାନୀୟ ଜଳର ସମସ୍ୟା ସମାଧାନ ଦିଗରେ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଓ କପ୍ତିପଦା ବ୍ଲକ ପ୍ରଶାସନ ଦୃଷ୍ଟି ଦେଇ ସେଠାରେ ନଳକୂପ ଖନନ କରିବା ନିମନ୍ତେ ଶରତ ଅଞ୍ଚଳର ଯୁବ ସମାଜସେବୀ ନବୀନ ମୁଣ୍ଡରୀ ଆକୁଳ ନିବେଦନ କରିଛନ୍ତି।

# ଆଜିଠୁ ଆରମ୍ଭ ହେବ ପକ୍ଷୀ ଗଣନା

ରାଇରଙ୍ଗପୁର,୧୭।୧ (ସମିସ): ରାଇରଙ୍ଗପୁର ବନଖଣ୍ଡର ବିଭିନ୍ନ ସ୍ଥାନରେ ରବିବାରଠାରୁ ପକ୍ଷୀ ଗଣନା ଆରମ୍ଭ ହେବ। ରାଇରଙ୍ଗପୁର ବନଖଣ୍ଡ ଅନ୍ତର୍ଗତ ୫ଟି ରେଞ୍ଜର ୧୪ଟି ଜଳଭଣ୍ଡାର ଓ ଆଦ୍ର ସ୍ଥାନରେ ଏହି ପକ୍ଷୀ ଗଣନା ହେବ ବୋଲି ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର ସୂଚନା ଦେଇଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶୀତଋତୁରେ ଏହି ପକ୍ଷୀ ଗଣନା ପ୍ରକ୍ରିୟା ହେବ। ବନଖଣ୍ଡ ଅଧିକାରୀ ଶ୍ରୀ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୧୦୦ରୁ ଅଧିକ ବନ କର୍ମଚାରୀ ବହଳଦା, ରାଇରଙ୍ଗପୁର, ବାଦାମପାହାଡ଼, ମଣଦା ଓ ବିଶୋଇ ଆଦି ଅଞ୍ଚଳରେ ଗଣନା କରିବେ। ଏ ନେଇ ବନବିଭାଗ ପକ୍ଷରୁ କର୍ମଚାରୀଙ୍କୁ ପୂର୍ବରୁ ସତନ୍ତ୍ର ତାଲିମ ପ୍ରଦାନ କରାଯାଇଥିଲା। ପ୍ରତି ଟିମରେ ୫ ଜଣ ଥିବାବେଳେ ସେଥି ମଧ୍ୟରେ ବନ କର୍ମଚାରୀ ଓ ଅନ୍ୟମାନେ ରହିବେ। ରେଞ୍ଜର, ଫରେଷ୍ଟର ଓ ପକ୍ଷୀ ଗବେଷକଙ୍କ ସମେତ ଛାତ୍ରଛାତ୍ରୀ ଗଣନା ପ୍ରକ୍ରିୟାରେ ସାମିଲ ହେବାର ସୂଚନା ମିଳିଛି। ବାଇନ କୁଲାର ଓ ଜିପିଏସ କ୍ୟାମେରା ସାହାଯ୍ୟରେ ବନ ବିଭାଗ କର୍ମଚାରୀ ପକ୍ଷୀ ଗଣନା କରିବେ। ସକାଳ ୬ରୁ ଦିନ ୧୧ଣା ପର୍ଯ୍ୟନ୍ତ ଗଣନା କାର୍ଯ୍ୟ ହେଉଥିବାବେଳେ ଏହାର ରିପୋର୍ଟ ଆକଳନ କରି ରାଜ୍ୟସ୍ତରୀୟ ରିପୋର୍ଟ ପାଇଁ ହସ୍ତାନ୍ତର କରାଯିବ। କୁହୁଡି ପାଇଁ ସକାଳୁ ପକ୍ଷୀ ଗଣନାରେ କିଛି ସମସ୍ୟା ଉପୁଜିବାର ସମ୍ଭାବନା ରହିଛି। ଶୀତଋତୁରେ ବିଦେଶୀ ପକ୍ଷୀଙ୍କ ଆଗମନ ହୋଇଥିବାବେଳେ ପକ୍ଷୀମାନଙ୍କ ଗତିବିଧିକୁ ଲକ୍ଷ୍ୟ କରାଯାଇ ଡାଇରେକ୍ଟ ସାଇଟିଂ ପଦ୍ଧତିରେ ଗଣନା କରାଯିବ। ଶୀତଋତୁରେ ସାଇବେରିଆନ ଅଞ୍ଚଳରେ ପ୍ରବଳ ବରଫ ପାତ ହେଉଥିବା ଯୋଗୁଁ ହଜାର ହଜାର କିଲୋମିଟର ଅତିକ୍ରମ କରି ଖାଦ୍ୟ ଅନ୍ୱେଷଣରେ ପକ୍ଷୀମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳକୁ ଆସିଥାନ୍ତି। ବିଦେଶରୁ ଆସିଥିବା ପକ୍ଷୀ ପୋଖରିଆ, ନେସା, ମଣଦା, ବାଙ୍କବଲ, ସୁଲେଇପାଟ ଓ ବିଞ୍ଜାଧର ପରି ଅନେକ ବୃହତ ଜଳାଶୟରେ ଆଶ୍ରୟ ନେଇଥା'ନ୍ତି। ପକ୍ଷୀଙ୍କ ପ୍ରଜାତି ତାଙ୍କର ଗତିବିଧିକୁ ରେକର୍ଡ କରିବା ସହ ଏମାନଙ୍କର ସଂଖ୍ୟାର ଆକଳନ କରାଯାଇଥାଏ। ଗତବର୍ଷ ରିପୋର୍ଟ ଅନୁଯାୟୀ ମୟୂରଭଞ୍ଜ ଜିଲ୍ଲାର ୩୨ଟି ରେଞ୍ଜରେ ସମୁଦାୟ ୨୬,୨୪୨ ପକ୍ଷୀ ଆସିଥିଲେ। ସେଥିମଧ୍ୟରେ ରାଇରଙ୍ଗପୁର ବନଖଣ୍ଡର ୪ଟି ରେଞ୍ଜକୁ ୭,୨୭୩ଟି ଓ କରଞ୍ଜିଆ ବନଖଣ୍ଡ ୪ଟି ରେଞ୍ଜକୁ ୪,୯୭୩ଟି ପକ୍ଷୀ ଆସିଥିବା ନେଇ ବନ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯାଇଥିଲା।

## ବସ୍-ବାଇକ୍ ଧକ୍କା; ୨ ଗୁରୁତର

କୁଆମରା ୧୭।୧(ସମିସ): ଉଦଳା-ବାରିପଦା ୧୯ନଂ ରାଜ୍ୟ ରାଜପଥ ଖୁଣ୍ଟା ଥାନା ଅନ୍ତର୍ଗତ ତିଲିକା ଛକରେ ଆଜି ଅପରାହ୍ନରେ ଏକ ଯାତ୍ରୀବାହୀ ବସ୍‌କୁ ବାଇକ ଧକ୍କା ଦେବା ଯୋଗୁଁ ବାଇକ ଚାଳକ ସମେତ ୨ ଯୁବକଙ୍କ ଅବସ୍ଥା ଗୁରୁତର ହୋଇଛି। କୁଳିଅଣା ଥାନା ଅନ୍ତର୍ଗତ ପାଣିଜିଆ ଗ୍ରାମର ଦୀପୁ ନାଏକ (୨୫) ଓ ପୀତାମ୍ବର ନାଏକ (୪୧) ଦୁହେଁ ବାଇକ ନେଇ କୌଣସି କାମରେ ଖୁଣ୍ଟା ଆସି ଘରକୁ ଫେରୁଥିଲେ। ତିଲକା ଛକଠାରେ ଏକ ଟ୍ରାକ୍ଟରକୁ ଓଭରଟେକ କରି ଯାଉଥିବାବେଳେ ଭାରସାମ୍ୟ ହରାଇ ବିପରୀତ ଦିଗରୁ ଆସୁଥିବା ଯାତ୍ରୀବାହୀ ବସ୍ ସମ୍ମୁଖରେ ବାଇକ ସହ ପିଟି ହୋଇ ରାସ୍ତା ମଝିକୁ ଛିଟିକି ପଡ଼ିଥିଲେ। ଫଳରେ ଉଭୟଙ୍କ ଅବସ୍ଥା ଗୁରୁତର ହୋଇଛି। ଖୁଣ୍ଟା ପୋଲିସ ପହଞ୍ଚି ବାଇକ୍‌କୁ ଜବତ କରିବା ସହ ଉଭୟଙ୍କୁ ଉଦ୍ଧାର କରି ଖୁଣ୍ଟା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

● ଗଛରେ ଧକ୍କା ହେଲା ବାଇକ୍

## ଜଣେ ମୃତ, ୨ ଆହତ

ରାଇରଙ୍ଗପୁର,୧୭।୧(ସମିସ): ଭାରସାମ୍ୟ ହରାଇ ଗଛକୁ ବାଇକ ଧକ୍କା ଦେବା ଫଳରେ ଜଣକ ମୃତ୍ୟୁ ହୋଇଥିବା ବେଳେ ଦୁଇଜଣ ଆହତ ହୋଇଛନ୍ତି। ମୃତକ ଜଣକ ହେଲେ ବହଳଦା ଥାନା ଅନ୍ତର୍ଗତ ସିଜୁକଣା ଗ୍ରାମର ସୋମାଇ ମାଝୀ। ସେ ଅନ୍ୟ ୨ ଜଣକ ସହ ବାଇକ ଯୋଗେ ଯାଉଥିବାବେଳେ ତିରିଂ ଥାନା ଅନ୍ତର୍ଗତ ଦେଉରାଡ଼ିହି ଛକଠାରେ ବେପରୁଆ ଭାବେ ଗାଡି ଚାଳନା କରି ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ। ଫଳରେ ପ୍ରଚୁର ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ସୋମାଇଙ୍କ ମୃତ୍ୟୁ ହୋଇଥିଲା। ସମସ୍ତଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଇରଙ୍ଗପୁର ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ସହ ଅନ୍ୟ ଦୁଇ ଆହତଙ୍କ ଚିକିତ୍ସା କରିଛନ୍ତି। ଜଣେ ଗୁରୁତ୍ୱରଙ୍କୁ ଚିକିତ୍ସା ନିମନ୍ତେ ପିଆରଏମ ମେଡ଼ିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନନ୍ତର କରାଯାଇଛି। ଏ ନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

## ବାରିପଦା ରେଳ ଷ୍ଟେସନ ଫୁଟ୍ ଓଭର୍‌ବ୍ରିଜ୍ ପାଇଁ ନୂଆ ଟେଣ୍ଡର

ବାରିପଦା,୧୭।୧(ସମିସ): ମୟୂରଭଞ୍ଜ ଜିଲ୍ଲାର ବାରିପଦା ରେଳ ଷ୍ଟେସନରେ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ଓସାରିଆ (୧୨.୦ମିଟର) ଫୁଟ୍ ଓଭର୍‌ବ୍ରିଜ୍ ନିର୍ମାଣ ହେବ। ଏଥିପାଇଁ ଦକ୍ଷିଣ ପୂର୍ବ ରେଳପଥର ଖଡ଼ଗପୁର ଡିଭିଜନ୍ ପକ୍ଷରୁ ନୂଆ ଟେଣ୍ଡର ପ୍ରକାଶ ପାଇଛି। ଏହି ପ୍ରସ୍ତାବ ଅଧୀନରେ ବାରିପଦା ସମେତ ଖଡ଼ଗପୁର, ମେଦିନାପୁର, ପାନସ୍କୁରା ଓ ହିଜଲି ଷ୍ଟେସନରେ ମଧ୍ୟ ୧୨ ମିଟର ଓସାରିଆ ଫୁଟ ଓଭରବ୍ରିଜ ନିର୍ମାଣ କରାଯିବ। ଟେଣ୍ଡରର ବିଜ୍ଞାପିତ ମୂଲ୍ୟ ପ୍ରାୟ ୨.୪୪ କୋଟି ଟଙ୍କା ରହିଛି। ଏହା ଏକ ଓପନ୍ ଟେଣ୍ଡର ଯାହା ସିଙ୍ଗଲ୍ ପ୍ୟାକେଟ୍ ସିଷ୍ଟମ୍ ଅଧୀନରେ ଚାଲିବ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାର ସମୟସୀମା ୧୨ ମାସ ରହିଛି।

ପୂର୍ବରୁ ବାରିପଦା ଷ୍ଟେସନରେ ଏହି ଓଭରବ୍ରିଜ୍ ନିର୍ମାଣ ପ୍ରସ୍ତାବ ପୂର୍ବରୁ ବାତିଲ୍ ହୋଇଥିଲା। ଏବେ ଅମୃତ ଭାରତ ଷ୍ଟେସନ୍ ସ୍କିମ୍ ଅଧୀନରେ ପୁଣି ଏହି ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ସ୍କିମ୍ ଅଧୀନରେ ବାରିପଦା ଷ୍ଟେସନର ବ୍ୟାପକ ଉନ୍ନୟନ କରାଯାଉଛି। ଯେଉଁଥିରେ ନୂଆ ଷ୍ଟେସନ୍ ଭବନ, ଦିବ୍ୟାଙ୍ଗଙ୍କ ଅନୁକୂଳ ସୁବିଧା, ରାମ୍ପ, ଟ୍ୟାକ୍ଟାଇଲ୍ ଟାଇଲ୍ସ ଓ ଅନ୍ୟାନ୍ୟ ଆଧୁନିକ ସୁବିଧା ଅନ୍ତର୍ଭୁକ୍ତ ରହିଛି। ପୂର୍ବ ରିପୋର୍ଟ ଅନୁଯାୟୀ, ବାରିପଦା ଷ୍ଟେସନ୍ ଉନ୍ନୟନ ପାଇଁ ପ୍ରାୟ ୧୫.୩୫ କୋଟି ଟଙ୍କାର ବ୍ୟୟ ଅନୁମୋଦିତ ହୋଇଛି। ଏହି ନିର୍ମାଣ ଯାତ୍ରୀଙ୍କ ପାଇଁ ସୁରକ୍ଷା ଓ ସୁବିଧା ବୃଦ୍ଧି କରିବା ସହିତ ଶିମିଳିପାଳ ଟାଇଗର୍ ରିଜର୍ଭ ଭଳି ପର୍ଯ୍ୟଟନ ସ୍ଥଳକୁ ଯାତାୟାତକୁ ଆହୁରି ସହଜ କରିବ। ଇ-ଟେଣ୍ଡର ମାଧ୍ୟମରେ ଆଗ୍ରହୀ ଠିକାଦାର ଅଂଶଗ୍ରହଣ କରିପାରିବେ। ଏହା ଦକ୍ଷିଣ-ପୂର୍ବ ରେଳପଥର ୭୨ଟି ଷ୍ଟେସନ୍ ମଧ୍ୟରୁ ଗୋଟିଏ ଅଂଶ ଯାହା ଆମୃତ ଭାରତ ସ୍କିମ୍ ଅଧୀନରେ ଆଧୁନିକୀକରଣ ହେଉଛି। ଏହି ପଦକ୍ଷେପ ଓଡ଼ିଶାର ଉତ୍ତରାଞ୍ଚଳର ପର୍ଯ୍ୟଟନ ଓ ସ୍ଥାନୀୟ ଅର୍ଥନୀତିକୁ ବୃଦ୍ଧି କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି।

## ଅଷ୍ଟପ୍ରହର ନାମଯଜ୍ଞ ପ୍ରସ୍ତୁତି ବୈଠକ

ମାଣଡ୍ରୀ,୧୭।୧ (ସମିସ): ବଡ଼ସାହି ବ୍ଲକ ମାନଗୋବିନ୍ଦପୁର ପଞ୍ଚାୟତର ମିରିଗିଦାରୀ ଗ୍ରାମରେ ଚଳିତ ମାଘ ମାସ ୧୨ ଦିନ ଇଂରାଜୀ ୨୫ ତାରିଖ ମାଘ ସପ୍ତମୀ ରବିବାର ୩୨ତମ ଅଷ୍ଟମ ପ୍ରହର ନାମଯଜ୍ଞ ଯଥାବିଧି ଅନୁଷ୍ଠିତ ହେବାକୁ



ଥିବାବେଳେ ମିରିଗିଦାରୀ ସମସ୍ତ ଗ୍ରାମବାସୀଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମିରିଗିଦାରୀର ସମସ୍ତ ଗ୍ରାମବାସୀ ଯୋଗ ଦେଇଥିଲେ। ଆୟୋଜିତ ବୈଠକରେ ସମସ୍ତ ଗ୍ରାମବାସୀଙ୍କ ମତାମତ କ୍ରମେ ସଭାପତି ଭାବେ ମନୋରଞ୍ଜନ ମହାନ୍ତଙ୍କୁ ମନୋନୀତ କରିଥିବାବେଳେ ସମ୍ପାଦକ ଭାବେ ମହେଶ ମହାନ୍ତଙ୍କୁ ଚୟନ କରାଯାଇଥିଲା। ଏହି ପ୍ରସ୍ତାବକୁ ମିରିଗିଦାରୀ ଗ୍ରାମବାସୀ ବୃନ୍ଦ ସମର୍ଥନ କରିଥିଲେ।

## ବଡ଼ଶୋଳରେ ଅଷ୍ଟମ ଟୁସୁ ମହୋତ୍ସବ

ଶୁଳିଆପଦା,୧୭।୧(ସମିସ):ଶୁଳିଆପଦା ବ୍ଲକ୍ କଣ୍ଟିସାହି ପଞ୍ଚାୟତର ବଡ଼ଶୋଳ ଗ୍ରାମ କମିଟି ପକ୍ଷରୁ ଆୟୋଜିତ ହୋଇଯାଇଛି ଅଷ୍ଟମ ଟୁସୁ ମହୋତ୍ସବ। ଉକ୍ତ ମହୋତ୍ସବରେ ମୁଖ୍ୟଅତିଥି ଭାବେ ମୋରଡା ବିଧାୟକ ତଥା ଓଡିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡା କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ମହାନ୍ତି, ପରେଶ ମହାନ୍ତ, ଦେବାଶିଷ ମହାନ୍ତି,



କଣ୍ଟିସାହି ସରପଞ୍ଚ ରାଇମାତ ମୁର୍ମୁ, ୱାର୍ଡ ସଭ୍ୟ ଗଣେଶ୍ୱର ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ମନ୍ତ୍ରୀ କହିଥିଲେ, ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଆମ କଳା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଲୋକାଚାର ଉଜ୍ଜୀବିତ ହେବା ସହ ସ୍ଥାନୀୟ ଅଞ୍ଚଳରେ ସୌହାଦ୍ଦପୂର୍ଣ୍ଣ ଓ ଭାଇଚାରାର ବାତାବରଣ ସୃଷ୍ଟି ହୋଇଥାଏ। ଏହା ସ୍ଥାନୀୟ ଲୋକକଳାର ନିଚ୍ଛକ ଚିତ୍ରର ବାସ୍ତବତାକୁ ପ୍ରତିଫଳିତ କରିଥାଏ। ଯୁବବର୍ଗଙ୍କ ମଧ୍ୟରେ ସାଂସ୍କୃତିକ ତଥା ସାମାଜିକ ଚେତନା ସୃଷ୍ଟି କରିଥାଏ ଓ ନାରୀ ସଶକ୍ତିକରଣର ମହାନ ବାର୍ତ୍ତା ମଧ୍ୟ ଦେଇଥାଏ। ପରେ ଦିନ ତମାମ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ବିଜୟ ହାସଲ କରିଥିବା ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ ମହୋତ୍ସବରେ ବଡ଼ଶୋଳ ଗ୍ରାମର ସମସ୍ତ ଗ୍ରାମବାସୀ ଓ କମିଟି ପୂର୍ଣ୍ଣ ସହଯୋଗ କରିଥିଲେ। ଆକର୍ଷଣୀୟ ଝୁମର ମେଲୋଡି, ଟୁସୁ ଗୀତ ଓ ମାଦଳ ଧମସା ତାଳେତାଳେ ହେଉଥିବା ନୃତ୍ୟ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।

# କିମ୍ବଦନ୍ତୀ ପାହାଡ଼ ଶମୀବୃକ୍ଷରେ ମକର ମେଳା ଆରମ୍ଭ

କପ୍ତିପଦା,୧୭।୧(ସମିସ):



ପୁରାଣ ପ୍ରସିଦ୍ଧ ପାଣ୍ଡବଙ୍କ ସ୍ମୃତି ପୀଠ କିମ୍ବଦନ୍ତୀ ପାହାଡ଼ ଶମୀବୃକ୍ଷରେ ମକରମେଳା ଆରମ୍ଭ ହୋଇଛି। ଏହି ମେଳାକୁ ବିଧାୟକ ଭାସ୍କର ମଢେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କପ୍ତିପଦା ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହେଉଛି। ଏହି ମେଳାରେ ଶହ ଶହ ଦୋକାନ ବିଭିନ୍ନ ଜିନିଷର ପସରା ମେଲାଇ ଥିବାବେଳେ ହଜାର ହଜାର ଦର୍ଶକ ବୁଲିବାକୁ ଆସନ୍ତି। ଏହି ପୀଠରେ ପୂଜା ପାଉଥିବା ପଞ୍ଚୁପାଣ୍ଡବଙ୍କ ସହିତ ଦ୍ରୌପଦୀ, ଅନନ୍ତ ବାସୁଦେବ ମନ୍ଦିରରେ ଜଗନ୍ନାଥଙ୍କ ବଳଭଦ୍ର ଓ ସୁଭଦ୍ରା ଓ ପାହାଡ଼ ଉପରେ ଥିବା ଶିବ ମନ୍ଦିରରେ ପ୍ରବଳ ଭିଡ଼ ଲାଗିଛି। ସନ୍ଧ୍ୟାରେ ଭଜନ, କୀର୍ତ୍ତନ ଓ ରାତିରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଶମୀବୃକ୍ଷକୁ କେହିକେହି ବିଶ୍ୱର ବିଶାଳ ଶିବଲିଙ୍ଗ କହନ୍ତି। ଶିମିଳିପାଳ ପର୍ବତ ମାଳାର ଗୋଟିଏ ପାର୍ଶ୍ୱରେ ବିରାଟ ରାଜ୍ୟ ଥିବାବେଳେ ଅପର ପାର୍ଶ୍ୱର୍ରେ କୀଚକଗଡ ରହିଛି। ପୂର୍ବରେ ରମଣୀୟ କାଳବନ୍ଧ, ପଶ୍ଚିମରେ ଚିରସବୁଜ ଶିମିଳିପାଳ ଅଭୟାରଣ୍ୟ, ଉତ୍ତରରେ କୁଶଭଦ୍ରା କଳକଳ ନାଦିନୀ ହୋଇ ସତେ ଯେମିତି ଚିରକାଳ ପାଇଁ ପାଦ ପଖାଳୁଛି। ଦକ୍ଷିଣରେ ବିସ୍ତୀର୍ଣ୍ଣ ପ୍ରାନ୍ତର ସାଙ୍ଗକୁ ମନୋରମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଦେବଳା, ଶଗଡ଼ି, ଗଣ୍ଡିଦର ପ୍ରଭୃତି ଗ୍ରାମ। ୨୦୦୬ରେ ଏହାକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ମିଳିଥିଲା। ବିଶାଳ ଆମ୍ର ବନାନୀ ସହ ପଞ୍ଚୁପାଣ୍ଡବ, ଯାଜ୍ଞସେନୀ, ମହାବୀରଙ୍କ ପ୍ରତିମୂର୍ତ୍ତି ଓ ଅନନ୍ତ ବାସୁଦେବଙ୍କ ମନ୍ଦିରର ଘଣ୍ଟା ଏହି ଶୋଭାକୁ ବହୁଗୁଣିତ କରିଛି।

**କିମ୍ବଦନ୍ତୀ:** ଦ୍ୱାପର ଯୁଗରେ ମହାଭାରତର ପାଣ୍ଡବମାନେ କପଟ ପଶାରେ ପରାଜିତ ହୋଇ ଅଜ୍ଞାତବାସରେ ୧୨ବର୍ଷ ରହିବା ପାଇଁ କପ୍ତିପଦା ଅଞ୍ଚଳର ବିରାଟଗଡକୁ ଛଦ୍ମବେଶରେ ଆସିଥିଲେ। ଅର୍ଜୁନ ବୃହନ୍ନଳା ବେଶରେ ଉଦଳାଠାରେ ଋଷି ଉଦାଳକଙ୍କରୁ ନୃତ୍ୟ ଶିକ୍ଷାଗ୍ରହଣ କରି ବିରାଟ ରାଜସଭାରେ ରହି ଉତ୍ତରାଙ୍କୁ ନୃତ୍ୟ ଶିଖାଇଥିଲେ। ଏହିଠାରେ ରହିବା ଅବସରରେ ସେମାନଙ୍କ ଯୁଦ୍ଧାସ୍ତ୍ର ପାହାଡ ଉପରେ ଥିବା ଏହି ଶମୀବୃକ୍ଷରେ ଲୁଚାଇ ରଖିଥିବା କିମ୍ବଦନ୍ତୀରୁ ଜଣାଯାଏ। ବିରାଟ ରାଜାଙ୍କ ଶାଳକ କୀଚକକୁ ପୂଜାରୀ ବେଶରେ ଥିବା ଭୀମ ବଧ କରିଥିଲେ। ଏହା ଏକ ପାରମ୍ପାରିକ ମେଳା। ରାଜାରାଜୁଡ଼ା ସମୟରୁ ଏହି ମକର ମେଳା ପାଳନ ହୋଇଆସୁଛି। ଚାଷ ସରିଯାଇଥିବାରୁ ଅବସର ସମୟରେ ମକର ପାଇଁ ଏହି ପୀଠ ଚଳଚଞ୍ଚଳ। ଦୀର୍ଘ ୯ ଦିନ ଧରି ଏଠାରେ ପର୍ବ ପାଳନ ହେଉଥିବାବେଳେ ଓଡ଼ିଶା ଓ ବାହାର ରାଜ୍ୟରୁ ଦର୍ଶକଙ୍କ ଭିଡ଼ ଜମେ। ନିକଟରେ ଥିବା ମାଛ କାନ୍ଦଣା ଜଳପ୍ରପାତ, କାଳବନ୍ଧ ମୁଖ୍ୟ ଆକର୍ଷଣ ସାଜିଥିବାବେଳେ ଲୋକଙ୍କ ମନରେ ଆଧାତ୍ମିକ ଭାବର ଆଦାନ ପ୍ରଦାନ ହୋଇଥାଏ।

